ବର୍ଷ-୨୪, ସଂଖ୍ୟା-୨୯୦
ଭୁବନେଶ୍ୱର
୨୪ ନଭେମ୍ବର, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 290
Bhubaneswar
24 November, 2024, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମହାରାଷ୍ଟ୍ରରେ ମହାୟୁତି, ଝାଡଖଣ୍ଡରେ ଜେଏମ୍ଏମ୍ ବିଜୟୀ

**ମୁମ୍ବାଇ/ରାଞ୍ଚି, ୨୩।୧୧ (ଏଜେନ୍ସି):** ଲୋକସଭା ନିର୍ବାଚନର ୫ ମାସ ମଧ୍ୟରେ ମହାରାଷ୍ଟ୍ର ରାଜନୀତିରେ ବଡ ଓଲଟପାଲଟ ହୋଇଛି। ଲୋକସଭା ଫଳାଫଳର ବିପରୀତ ଏଠାରେ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟକୁ ବହୁମତ ମିଳିଛି। ବିଜେପି ରଣନୀତି ଆଗରେ ଫିକା ପଡିଛି କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ମହାବିକାଶ ଅଘାଡି। ରାଜ୍ୟରେ ମୋଟ ୨୮୮ ଆସନ ମଧ୍ୟରୁ ମହାୟୁତି ୨୩୩ ଆସନରେ ଆଗୁଆ ରହିଥିବାବେଳେ ମହା ବିକାଶ ଅଗାଡି, ଏମଭିଏ ୪୯ ଆସନରେ ଆଗୁଆ ରହିଛି। ବିଜେପି ସବୁଠାରୁ ବଡ ଦଳ ଭାବେ ଉଭା ହୋଇଛି। କଂଗ୍ରେସର ବଡ ବଡ ନେତା ନିର୍ବାଚନ ହାରିଯାଇଛନ୍ତି। ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମହାୟୁତିକୁ ପ୍ରଚଣ୍ଡ ବହୁମତ ମିଳିଛି। ମାତ୍ର ୫ ମାସରେ ରାଜନୀତିର ହାୱା ବଦଳି ବିଜେପି ସପକ୍ଷରେ ଯାଇଛି। ଲୋକସଭା ନିର୍ବାଚନରେ ମହାୟୁତିକୁ ଝଟକା ଲାଗିଥିବା ବେଳେ ଅନୁମାନ କରାଯାଉଥିଲା ବିଧାନସଭା ନିର୍ବାଚନରେ ବି ଏହାର ରିପିଟ ହେବ। କିନ୍ତୁ ୫ ମାସରେ ଫଳ ଓଲଟା ହୋଇଛି ଓ ମହାୟୁତି ସପକ୍ଷରେ ଭୋଟ ଦେଇଛନ୍ତି ଜନତା। ମହାୟୁତି ବିଜୟ ପଛରେ ବିଭିନ୍ନ କାରଣ ରହିଛି। ଯେପରିକି ଲାଡଲି ବେହନା ଯୋଜନାରେ ୪ ମାସରେ ୨.୫ କୋଟି ମହିଳାଙ୍କ ଆକାଉଣ୍ଟକୁ ଯାଇଛି ଟଙ୍କା। ପ୍ରତ୍ୟେକ ମାସରେ ମିଳିଛି ୧୫ ଶହ ଲେଖାଁଏ ଟଙ୍କା। ବଟେଙ୍ଗେ ତୋ କଟେଙ୍ଗେ ନାରା ହିନ୍ଦୁ ଭୋଟକୁ ଏକଜୁଟ୍ କରିଛି। ମହାୟୁତିକୁ ଓବିସି ଭୋଟରଙ୍କ ସମର୍ଥନ। ମହାରାଷ୍ଟ୍ରରେ ରାହୁଲ ଗାନ୍ଧି, ଶରଦ ପାୱାର ଓ ଉଦ୍ଧବ ଠାକରେଙ୍କ ରଣନୀତି କାମ କରିନାହିଁ। ଲୋକସଭା ନିର୍ବାଚନରେ ୪୮ ଆସନରୁ ୩୦ ଆସନ ପାଇଥିବା ଏମଭିଏ ବିଧାନସଭା ନିର୍ବାଚନରେ ମାଟି କାମୁଡିଛି। ତେଣୁ ଜାତୀୟ ରାଜନୀତିରେ ଏହାର ପ୍ରଭାବ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ମହାରାଷ୍ଟ୍ରରେ ମହାୟୁତିର ବିଜୟ ହେବ ବୋଲି ଆକଳନ କରାଯାଇଥିଲେ ବି ଏତେ ବଡ଼ ବିଜୟର କେହି କଳ୍ପନା କରିନଥିଲେ। ଏହାପରେ ନୂଆ ସରକାର ଓ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।




ଝାଡଖଣ୍ଡରେ ହେମନ୍ତ ସୋରେନ ନେତୃତ୍ୱାଧୀନ ଜେଏମଏମ-କଂଗ୍ରେସ ମେଣ୍ଟ ସରକାରର ପୁଣି ପ୍ରତ୍ୟାବର୍ତ୍ତନ ହୋଇଛି। ଲଗାତାର ଦ୍ୱିତୀୟ ଥର ଲାଗି ହେମନ୍ତ ସୋରେନ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଝାଡଖଣ୍ଡର ମୋଟ ୮୧ ଆସନ ମଧ୍ୟରୁ ଜେଏମଏମ-କଂଗ୍ରେସ ମେଣ୍ଟ ୫୬ ଆସନରେ ଆଗୁଆ ଥିବାବେଳେ ବିଜେପି ୨୧ ଆସନରେ ଆଗୁଆ ରହି ବହୁମତ ଠାରୁ ବହୁ ପଛରେ ରହିଛି।

ଝାଡଖଣ୍ଡ ବିଧାନସଭାରେ ସରକାର ବିରୋଧୀ ହାୱା କାମ କରିନାହିଁ। ଏଠାରେ ପୁଣିଥରେ କ୍ଷମତାକୁ ଫେରିଛି ଜେଏମଏମ-କଂଗ୍ରେସ ମେଣ୍ଟ। ଲୋକସଭା ନିର୍ବାଚନରେ ରାଜ୍ୟର ମୋଟ ୧୪ଟି ଆସନରୁ ଏହି ମେଣ୍ଟ ମାତ୍ର ୫ଟି ଆସନ ଜିତିଥିଲା। କିନ୍ତୁ ମନି ଲଣ୍ଡରିଂ ମାମଲାରେ ଗିରଫ ହେମନ୍ତ ସୋରେନ ଜେଲରୁ ବାହାରି ପୁରା ଖେଳକୁ ଓଲଟାଇ ଦେଇଛନ୍ତି। କୁହାଯାଉଛି, ହେମନ୍ତଙ୍କ ବିଜୟ ପଛରେ ୫ ପ୍ରମୁଖ କାରଣ ରହିଛି। ସେଗୁଡିକ ହେଉଛି ଆଦିବାସୀ ଅସ୍ମିତା ପ୍ରସଙ୍ଗ, ହେମନ୍ତ ସୋରେନ ଜେଲ ଯିବା ପରେ ସରକାର-ବିରୋଧୀ ହାୱା ବଦଳିଲା, ହେମନ୍ତଙ୍କ ଭାଉଜ ସୀତା ସୋରେନ ଓ ଚମ୍ପାଇ ସୋରେନଙ୍କ ଦଳବଦଳର ପ୍ରଭାବ ପଡ଼ିଲାନି, ଇଡି ଆକ୍ସନ ପରେ ହେମନ୍ତଙ୍କ ପ୍ରଭାବ ବଢ଼ିଲା, ହେମନ୍ତଙ୍କ ପତ୍ନୀ କଳ୍ପନା ସୋରେନଙ୍କ ରାଜନୀତିରେ ପ୍ରବେଶ ଏବଂ ହେମନ୍ତଙ୍କୁ ମହିଳାଙ୍କ ଜୋରଦାର ସମର୍ଥନ। ମହିଳାଙ୍କ ସମର୍ଥନ ପାଇଁ ହେମନ୍ତ ସୋରେନ ୨୦୨୩ରେ ମୈୟା ସମ୍ମାନ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ଅନ୍ତର୍ଗତ ୨୧ରୁ ୫୦ ବର୍ଷର ମହିଳାଙ୍କୁ ମାସିକ ହଜାରେ ଟଙ୍କା ଦିଆଯାଉଥିଲା। ବର୍ଷକୁ ୧୨ ହଜାର ଟଙ୍କା ଆକାଉଣ୍ଟକୁ ଆସୁଥିଲା। କିନ୍ତୁ ଝାଡ଼ଖଣ୍ଡ ନିର୍ବାଚନ ପୂର୍ବରୁ ଏହି ରାଶିକୁ ହଜାରେ ଟଙ୍କାରୁ ୨୫ ଶହ ଟଙ୍କାକୁ ବଢାଯାଇଥିଲା। ଏହାଫଳରେ ମହିଳା ଭୋଟ ବ୍ୟାଙ୍କ ଜେଏମଏମ-କଂଗ୍ରେସ ମେଣ୍ଟ ସପକ୍ଷରେ ଯାଇଛି।

ଝାଡ଼ଖଣ୍ଡରେ ଖୁବଶୀଘ୍ର ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏଠାରେ ଇଣ୍ଡି ମେଣ୍ଟ ତାର ଶକ୍ତି ପ୍ରଦର୍ଶନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ପୂର୍ବ ଜାମସେଦପୁର ଆସନରୁ କଂଗ୍ରେସ ପ୍ରାର୍ଥୀ ତଥା ଓଡିଶା ପ୍ରଭାରୀ ଅଜୟ କୁମାର ହାରିଯାଇଛନ୍ତି। ଏଠାରୁ ରାଜ୍ୟପାଳ ରଘୁବାର ଦାସଙ୍କ ବୋହୂ ପୂର୍ଣ୍ଣିମା ଦାସ ସାହୁ ବିଜୟୀ ହୋଇଛନ୍ତି।

# ଜେଲ୍ ଗଲେ ବବିଙ୍କ ଭାଇ ଲଲ

**ଯାଜପୁର, ୨୩।୧୧ (ମହାଭାରତ):** ବହୁ ବାଦ ବିବାଦ ଓ ଆଶଙ୍କା ଭିତରେ ଶେଷରେ ବନ୍ଧା ହେଲେ ବିଜେଡିର ଅନ୍ୟତନ କ୍ଷମତା କେନ୍ଦ୍ର ବୋଲାଉଥିବା ଦଳର ସାଙ୍ଗଠନିକ ସଂପାଦକ ତଥା ଯାଜପୁର ବିଧାନ ସଭା କ୍ଷେତ୍ରର ପ୍ରାକ୍ତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି ଦାସ)ଙ୍କ ଭାଇ ଭବ ପ୍ରକାଶ ଦାସ ଓରଫ ଲଲ। ଏକ ନାଟକୀୟ ଢଙ୍ଗରେ ଶୁକ୍ରବାର ବିଳମ୍ବିତ ରାତିରେ ଯାଜପୁର ପୋଲିସ ତାଙ୍କୁ ତାଙ୍କ ବାସ ଭବନରୁ ଗିରଫ କରିଥିବା ବେଳେ ଆଜି ଅର୍ଥାତ ଶନିବାର ସକାଳୁ ଅତି ତରବରିଆ ଭାବେ ଯାଜପୁର ଏସଡିଜେଏମ କୋର୍ଟ (ବାସଭବନ)ରେ ହାଜର କରିଛି। ବେଲ ଆବେଦନ ଅଗ୍ରାହ୍ୟ କାରଣରୁ ମାନ୍ୟବର ବିଚାରପତି ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହେପାଜତକୁ ପଠାଇ ଦେଇଛନ୍ତି। ଅନ୍ୟ ପକ୍ଷରେ ଲଲଙ୍କ ଏହି ଗିରଫ ଦାରୀକୁ ଜିଲ୍ଲା ବିଜେଡି ଅଗଣତାନ୍ତ୍ରୀକ କହିବା ସହିତ ଏକ ଖବରଦାତା



ସମ୍ମିଳନୀରେ ଘଟଣାକୁ ନେଇ ତିବ୍ର ପ୍ରତିକ୍ରୀୟା ପ୍ରକାଶ କରି ପୋଲିସ ପ୍ରଶାସନ ଠାରୁ ନେଇ ରାଜ୍ୟ ସରକାର ବିରୁଦ୍ଧରେ ନିଜର ଅସନ୍ତୋଷ ଜାହିର କରିଛନ୍ତି। ପୁରା ଘଟଣାକୁ ନେଇ ସମଗ୍ର ଯାଜପୁର ଅଂଚଳରେ ପୋଲିସର ପ୍ରହରା କଡା କଡି କରାଯାଇଥିବା ବେଳେ ବବିଙ୍କ ନିରବତା ସମସ୍ତଙ୍କୁ ଚକିତ କରିଛି।

# ଆଇଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୨୩।୧୧ (ମହାଭାରତ):** ରାଜ୍ୟ ସରକାର ଆଜି ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ମୋଟ ୧୨ଜଣ ଆଇଏଏସ୍ ଅଫିସରଙ୍କୁ ବିଭିନ୍ନ ପଦବୀରେ ଅବସ୍ଥାପିତ କରାଯାଇଛି। ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୧୯୯୫ ବ୍ୟାଚ୍ ଆଇଏଏସ୍ ଚିତ୍ରା ଅରୁମୁଗମଙ୍କୁ ଶ୍ରମ ଓ ଇଏସଆଇ ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେ ବିଜ୍ଞାନ ଓ କାରିଗରି କୌଶଳ ବିଭାଗର ପ୍ରମୁଖ ସଚିବ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ସେହିପରି ୨୦୦୮ ବ୍ୟାଚ୍ ଆଇଏଏସ୍ ଯାମିନୀ ଷଡ଼ଙ୍ଗୀଙ୍କୁ ବାଣିଜ୍ୟକର ଓ ଜିଏସଟି କମିଶନର ଭାବେ ଅବସ୍ଥାପିତ କରାଯାଇଛି। ସେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମଧ ତୁଲାଇବେ। ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ୨୦୧୦ ବ୍ୟାଚ୍ ଆଇଏଏସ୍ ସୁଧାଂଶୁ ମୋହନ ସାମଲଙ୍କୁ ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ୨୦୧୨ ବ୍ୟାଚ୍ ଆଇଏଏସ୍ ପୋମା ଟୁଡୁଙ୍କୁ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

# ଆଜି ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର, ୨୩।୧୧ (ମହାଭାରତ):** ଆସନ୍ତାକାଲି ତଥା ୨୪ ତାରିଖରେ ଆସିବ 'ସୁଭଦ୍ରା'ର ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି ଟଙ୍କା। ଏଥିପାଇଁ ଖୁସି ଅଛନ୍ତି ହିତାଧିକାରୀ। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି ଯୋଜନାରୁ ବାଦ ପଡିଥିବା ୨୫ ପ୍ରତିଶତ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ। ବାଦ ପଡ଼ିଥିବା ୨ ଲକ୍ଷ ୬୭ ହଜାର ଆବେଦନକୁ ଆଉ ଥରେ ଯାଞ୍ଚ ପରେ ନିଷ୍ପତ୍ତି ନିଆଯାଇଛି। ସେଥିରୁ ୨୨ ପ୍ରତିଶତ ହିତାଧିକାରୀଙ୍କୁ ଆସନ୍ତାକାଲି ସୁଭଦ୍ରା ଟଙ୍କା ଦିଆଯିବ।

# ବିଶ୍ୱବିଦ୍ୟାଳୟ ଅଧିନିୟମ ଓ ଶିଳ୍ପନୀତି ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ

**ଭୁବନେଶ୍ୱର, ୨୩।୧୧ (ମହାଭାରତ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ପ୍ରସ୍ତାବ ମଧ୍ୟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ସଂଶୋଧନ, ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ସଂଶୋଧନ, ଶିଳ୍ପନୀତି ୨୦୧୫ର ୨ଟି ସଂଶୋଧନ ପ୍ରସ୍ତାବ ଅର୍ନ୍ତଭୁକ୍ତ। ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ ବୈଠକ ଶେଷରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସୂଚନା ଦେଇ କହିଥିଲେ ଯେ ରାଜ୍ୟ କ୍ୟାବିନେଟ୍ ଶିଳ୍ପନୀତି ୨୦୧୫ର ଦୁଇଟି ସଂଶୋଧନକୁ ଅନୁମୋଦନ କରିଛନ୍ତି ଯେଉଁଥିରେ ଯୋଗ୍ୟ ନିବେଶକମାନେ ପ୍ରୋତ୍ସାହନ ପାଇଁ ସେମାନଙ୍କର ଦାବିକୁ ଠିକ୍ ସମୟରେ ପ୍ରଦାନ କରିବାକୁ ସକ୍ଷମ ହେବେ ଏବଂ ପ୍ରୋତ୍ସାହନକୁ ସୁଗମ ପରିଚାଳନା ପାଇଁ ସହାୟକ ହେବ। ବିଭିନ୍ନ ପ୍ରୋତ୍ସାହନ ଏବଂ ପ୍ରମାଣପତ୍ର ବିଷୟରେ କିମ୍ବା ନୀତି ତଥା ଦରଖାସ୍ତ ପ୍ରଣାଳୀ ବିଷୟରେ ସେମାନଙ୍କର ଅଜ୍ଞତା କାରଣରୁ ଅନେକ କ୍ଷେତ୍ରରେ ଶିଳ୍ପ ସଂସ୍ଥା ଆବେଦନ ପତ୍ର ଦାଖଲ କରିବାରେ ବିଳମ୍ବ ହୁଏ।



## ସ୍ୱାଦିଷ୍ଟ କଫି

ଆବଶ୍ୟକ ସାମଗ୍ରୀ: କଫି ଆବଶ୍ୟକ ପରିମାଣରେ କଦଳୀ ୧ଟି, କ୍ଷୀର ୧କପ, ଡ଼ାଲଚିନି ଗୁଣ୍ଡ ୧ ଚାମଚ, ଚିନି ଆ।ବଶ୍ୟକ ପରିମାଣରେ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କଦଳୀ ଓ ଚିନିକୁ ଭଲ ଭାବେ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇ ବସାଇ ଏହି ପ୍ରସ୍ତୁତ ପେଷ୍ଟକୁ ସେଥିରେ ପକାଇ ଗୋଳାନ୍ତୁ। କିଛି ସମୟ ଗୋଳାଇବା ପରେ ଏଥିରେ କ୍ଷୀର ପକାଇ ପୁଣି ଗୋଳାନ୍ତୁ। କିଛି ସମୟ ଫୁଟିବା ପରେ ଏଥିରେ ଡ଼ାଲଚିନି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଭଲ ଭାବେ ପେଷି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ର ଗ୍ୟାସରେ ବସାଇ କ୍ଷୀର, ଚିନି, କଫି ପାଉଡ଼ର ପକାଇ ଫୁଟାଇ ଦିଅନ୍ତୁ। କଫି ପ୍ରସ୍ତୁତ ହେବା ପରେ ଏହାକୁ ଏକ କାଚ ଗ୍ଲାସକୁ କାଢି ପ୍ରସ୍ତୁତ ମିଶ୍ରଣକୁ ଏହାଉପରେ ରଖନ୍ତୁ।ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ କଫି।



ଖବର

## ଡିସେମ୍ବରରେ ପଡ଼ିବ କିର୍ତ୍ତୀ ସୁରେଶଙ୍କ ହାତଗଣ୍ଠି



ହାତକୁ ଦି' ହାତ ହେବାକୁ ଯାଉଛନ୍ତି ଅଭିନେତ୍ରୀ କର୍ତ୍ତୀ ସୁରେଶ। ଦୀର୍ଘ ଦିନର ପ୍ରେମିକ ଅନ୍ଥୋନି ଥାଟିଲଙ୍କୁ ବିବାହ କରିବେ 'ମହାନତୀ' ଫେମ୍। ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଆ□ନି ଓ କି□ୀଙ୍କ ହାତଗଣ୍ଠି ପଡ଼ିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି। ସେ ଏନେଇ ଖୁବ୍ ଶୀଘ୍ର ଘୋଷଣା କରିପାରନ୍ତି। ଆଣ୍ଟୋନି ଜଣେ ଦୁବାଇର ବ୍ୟବସାୟୀ। ଉଭୟ ଦୀର୍ଘ ୧୫ ବର୍ଷ ହେବ ରିଲେସନସିପରେ ଥିଲେ୍ୟ ଗୋଆରେ ସେମାନଙ୍କ ବାହାଘର ହେବା ନେଇ ଚର୍ଚ୍ଚା ହେଉଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଅତିଥି ତାଲିକା ପ୍ରକାଶ କରାଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ଆଣ୍ଟୋନି ଥାଟିଲ ଏବଂ କିର୍ତ୍ତୀ ସୁରେଶ ପିଲାଦିନର ବନ୍ଧୁ୍ୟ ଉଭୟ ଗୋଟିଏ ବିଦ୍ୟାଳୟରେ ପଢୁଥିଲେ। କିର୍ତ୍ତୀ ସୁରେଶ ପ୍ରଯୋଜକ ଜି ସୁରେଶ କୁମାର ଏବଂ ଅଭିନେତ୍ରୀ ମିନାକା ସୁରେଶଙ୍କ ଝିଅ। ୨୦୦୦ରେ ଶିଶୁ କଳାକାର ଜରିଆରେ ଅଭିନୟ ଜଗତରେ ଡେବ୍ୟୁ କରିଥିଲେ କିର୍ତ୍ତୀ ସୁରେଶ। ଏହାପରେ ମାଲୟାଲମ ସିନେମା ଗୀତାଞ୍ଜଳିରେ ମୁଖ୍ୟ ଭୂମିକାରେ ଅଭିନୟ କରି ଯାତ୍ରା ଅ । ର ମ୍ଭ କରିଥିଲେ।'ମହାନତୀ'ରେ ଉଚ୍ଚକୋଟୀର ଅଭିନୟ ପାଇଁ ସେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ପୁରସ୍କାର ପାଇଥିଲେ। 'ମହାନତୀ' କିମ୍ବଦନ୍ତୀ ଅଭିନେତ୍ରୀ ସାବିତ୍ରୀଙ୍କ ଆତ୍ମଜୀବନୀ ଉପରେ ଆଧାରିତ ସିନେମା। ମହାନତୀ ବ୍ୟତୀତ ସେ 'ରିଙ୍ଗ୍ ମାଷ୍ଟର', 'ମିସ୍ ଇଣ୍ଡିଆ', 'ଦଶରା' ଆଦି ସିନେମା ପାଇଁ ବେଶ୍ ଜଣାଶୁଣା। ବରୁଣ ଧାୱନଙ୍କ ବେବି ଜନ୍ ଜରିଆରେ ମଧ୍ୟ ବଲିଉଡ୍ ଡେବ୍ୟୁ କରିଥିଲେ କିର୍ତ୍ତୀ ସୁରେଶ।

## ସରଳ ଉପାୟରେ ପୂରଣ ହେବ ମନସ୍କାମନା



ଶ୍ରାବଣ ମାସ ଭଗବାନ ଶଙ୍କରଙ୍କ ପ୍ରିୟ ମାସ। ତେବେ ଭଗବାନଙ୍କୁ ପ୍ରସନ୍ନ କରିବାର କିଛି ସରଳ ଉପାୟ ବିଷୟରେ ଜାଣନ୍ତୁ। ଏହି ଉପାୟ ଦ୍ୱାରା ମନସ୍କାମନା ପୂରଣ ହେବା ସହ ଶୁଭଫଳ ପ୍ରାପ୍ତି ହୋଇଥାଏ।

ତମ୍ବାର ଏକ କଳସରେ ଜଳରେ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଜଳ ଅର୍ପଣ କରନ୍ତ। ଏହି ସମୟରେ ମନ୍ତ୍ର ଜପ କରନ୍ତୁ। ଧିରେ ଧିରେ ଏକ ଧାରାରେ ଜଳ ଅର୍ପଣ କରନ୍ତୁ।

ଅଖଣ୍ଡିତ ବେଲପତ୍ରରେ ଚନ୍ଦନ ତିଳକ ଲଗାଇ ପ୍ରଭୁଙ୍କୁ ଅର୍ପଣ କରନ୍ତୁ।

ବେଲପତ୍ର,ଦୁଦୁରା ଫୁଲ ପ୍ରଭୁଙ୍କୁ ଅର୍ପଣ କରନ୍ତୁ। ଶିବ ମନ୍ଦିରରେ ଘିଅ ଦୀପ ଲଗାଇବା ସହ ୧୦୮ ଥର ଶିବ ମନ୍ତ୍ରର ଜପ କରନ୍ତୁ।

କ୍ଷୀର,ମହୁ ମଧ୍ୟ ପ୍ରଭୁଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ।

ଅସହାୟଙ୍କୁ ଭୋଜନ ଓ ବସ୍ତ୍ର ଦାନ କରନ୍ତୁ।

## ଘରର ପଶ୍ଚିମ ଦିଗରେ ରଖନ୍ତୁ ନାହିଁ ଏହି ସବୁ ଜିନିଷ



ପ୍ରତିଟି ଲୋକ ଘର ଭିତରେ ସକାରାତ୍ମକ ପରିବେଶ ଋହିଁଥାନ୍ତି । ଏଥିପାଇଁ ବାସ୍ତୁ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ । ଘର ଭିତରେ ସକାରାତ୍ମକ ପରିବେଶ ବଜାୟ ରଖିବା ପାଇଁ ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ପ୍ରତ୍ୟେକ ଦିଗର ଭିନ୍ନ ଭିନ୍ନ ମହ□ ରହିଛି । ଦିଗର ମହ□ ଜାଣିବା ପରେ ହିଁ ଆମେ ଘରକୁ ବାସ୍ତୁ ଅନୁସାରେ ସଜାଡ଼ିବା ଉଚିତ ହେବ । ଫଳରେ ଘର ଭିତରେ ସକାରାତ୍ମକ ଚିନ୍ତାଧାରା ବଢିବା ସହ ନକାରାତ୍ମକ ଶକ୍ତି କମ୍ କରିପାରିବେ । ଋଲନ୍ତୁ ଜାଣିବା ବିଶେଷକରି ପଶ୍ଚିମ ଦିଗ ବିଷୟରେ। ଏହି ଦିଗର ସ୍ୱାମୀ ବରୁଣ ଦେବ। ତାଙ୍କ ସହ ଶନିଙ୍କ ପ୍ରଭାବ ମଧ୍ୟ ରହିଥାଏ ଏହି ଦିଗ ଉପରେ। ଋଲନ୍ତୁ ଦେଖିବା ପଶ୍ଚିମ ଦିଗରେ କ'ଣ ନ ରଖିବା ଦରକାର।

ରଖନ୍ତୁନି ଆକ୍ୱାରିୟମ୍: ପଶ୍ଚିମ ଦିଗରେ ଏପରି କୌଣସି ଜିନିଷ ରଖନ୍ତୁନି, ଯେଉଁଥିରେ ପାଣି ସାମିଲ୍ ରହିଥିବ। ଏହି ଦିଗରେ ଆକ୍ୱାରିୟମ୍ ବା ଫାଉଣ୍ଟେନ୍ ରଖିବା ଉଚିତ ନୁହେଁ । ନଚେ୍ ଘର ଭିତରେ ନକାରାତ୍ମକ ଉର୍ଜ୍ଜା ବଢିଥାଏ।

ଭଗବାନଙ୍କ ଫଟୋ ରଖନ୍ତୁନି: ପଶ୍ଚିମ ଦିଗରେ କୌଣସି ଭଗବାନଙ୍କ ଫଟୋ ବା ତାଙ୍କ ସମ୍ବନ୍ଧୀୟ ଜିନିଷ ରଖିବା ଅନୁଚିତ। ପୂଜା ପାଇଁ ରଖାଯାଉଥିବା ଭଗବାନଙ୍କ ଫଟୋ ସବୁବେଳେ ପୂଜା ଘରେ ପୂର୍ବ ଆଡକୁ ମୁହଁ କରି ରଖିବା ଉଚିତ।

ତୁଳସୀ ରଖାଯାଏନା: ପ୍ରାୟ ଲୋକ ନିଜ ଘରେ ଭିନ୍ନ ଭିନ୍ନ ପ୍ରକାରର ଗଛ ଲଗାଇବାକୁ ଭଲ ପାଇଥାନ୍ତି । କିନ୍ତୁ ପଶ୍ଚିମ ଦିଗରେ କେବେ ବି ତୁଳସୀ ଗଛ ରଖିବା ଅନୁଚିତ । ବାସ୍ତୁ ଅନୁସାରେ ତୁଳସୀ ଗଛ ସର୍ବଦା ପୂର୍ବ ଦିଗ ଆଡ଼କୁ ରଖିବା ଦରକାର ।

ବଡ଼ ଝରକା ରଖନ୍ତୁନି: ଘରକୁ ବାୟୁ ଚଳାଚଳ କରିବା ପାଇଁ ବଡ଼ ବଡ଼ ଝରକା ରଖିବା ଉଚିତ କିନ୍ତୁ ପଶ୍ଚିମ ଦିଗରେ ଝରକା ବା କବାଟ ରଖିବା ଅନୁଚିତ। ଯଦି ବଡ଼ ଝରକା ରହିଥାଏ, ତେବେ ଏହାକୁ ପରଦା ଦେଇ ବନ୍ଦ କରିଦିଅନ୍ତୁ ।

କରନ୍ତୁନି ପିଲାଙ୍କ ପଢାଘର: ଆଜିକାଲି ସମସ୍ତଙ୍କ ଘରେ ପିଲାଙ୍କ ପଢିବା ପାଇଁ ଗୋଟିଏ ଲେଖାଁଏ ପଢା ଘର ରହୁଛି । ତେବେ ଏହି ପଢା ଘରକୁ ମଧ୍ୟ ପଶ୍ଚିମ ଦିଗରେ ରଖିବା ଅନୁଚିତ। ପଢା ଘର ସବୁବେଳେ ପୂର୍ବ ଦିଗରେ କରନ୍ତୁ, ଯାହା ପିଲାଙ୍କ ପାଇଁ ତଥା ଘର ପାଇଁ ଭଲ ହୋଇଥାଏ ।

## ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ିର ମହତ୍ୱ





ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ି ଏକ ମୁଖ୍ୟ ଶୃଙ୍ଗାର ଦ୍ରବ୍ୟ ଅଟେ। ମାତ୍ର ଏହା କେବଳ ସୌନ୍ଦର୍ଯ୍ୟ ଓ ଶୃଙ୍ଗାର ପାଇଁ ନୁହେଁ ବରଂ ଉତମ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ ଲାଭଦାୟକୟ।

ମାନସିକ ସନ୍ତୁଳନ:
ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କର ମାନସିକ ସନ୍ତୁଳନ ସଠିକ ରହିଥାଏ। ବୈଜ୍ଞାନିକଙ୍କ ମତାନୁଯାୟୀ କାଚ ଚୁଡ଼ି ମଧ୍ୟରୁ ହେଉଥିବା ଶବ୍ଦ ବାତାବରଣରେ ଥିବା ନକରାତ୍ମକ ଶକ୍ତିକୁ ନଷ୍ଟ କରିଥାଏ। ଏହାସହ ଚୁଡ଼ି ବାତାବରଣରେ ସକରାତ୍ମକ ଶକ୍ତି ସଂଚାର କରିଥାଆନ୍ତି।

ଥକ୍କାପଣ ଦୂର କରିଥାଏ :
ଚୁଡ଼ି ଯୋଗୁଁ ସୃଷ୍ଟି ହେଉଥିବା ଘର୍ଷଣ ଦ୍ୱାରା ଶରୀରରେ ଶକ୍ତି ସୃଷ୍ଟି ହୋଇଥାଏ। ଯାଦ୍ୱାରା ମହିଳାମାନେ ଶୀଘ୍ର ଥକ୍କାପଣ ଅନୁଭବ କରନ୍ତି ନାହିଁ।

ଶ୍ୱାସ ରୋଗ:
ସୁନା ଓ ରୂପା ଚୁଡ଼ି ପିନ୍ଧିବା ଦ୍ୱାରା ମଧ୍ୟ ଏଥିରେ ଥିବା ଧାତୁ ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ। ହସ୍ତରେ ସୁନା, ରୂପା , କାଚ ଆ।ଦି ଚୁଡ଼ି ଧାରଣ କରିବା ଦ୍ୱାରା ମହିଳାମାନଙ୍କର ଶ୍ୱାସ, ହୃଦ ରୋଗ ହେବାର ସମ୍ଭାବନା ଖୁବ କମ ଥାଏ।

ହରମୋନ ସନ୍ତୁଳନ କରିଥାଏ :
ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କ ଶରୀରରେ ହରମୋନ ସଠିକ ସ୍ତରରେ କ୍ଷରଣ ହୋଇଥାଏ।

ରକ୍ତ ପ୍ରବାହ :
ଚୁଡ଼ି ପିନ୍ଧିବା ଦ୍ୱାରା ଏହା ହସ୍ତରେ ଘର୍ଷଣ ହୋଇ ହାତରେ ରକ୍ତ ସଂଚାଳନ ସୂଚ୍ଚରୁ ରୂପେ କରିଥାଏ।



## ଖଟରେ ବସି କରନ୍ତୁ ନାହିଁ ଭୋଜନ

ଆଧୁନିକ ଜୀବନଶୈଳୀରେ ଅନେକ ସମୟରେ ଆମେ ଖାଦ୍ୟ ଖାଇବା ନୀତିନିୟମରେ ପରିବର୍ତ୍ତନ କରିଥାଉ। ପ୍ରଥମେ ଲୋକେ ଚଟାଣରେ ଆସନ ପକାଇ ଭୋଜନ କରୁଥିଲେ। ଖାଦ୍ୟ ଖାଇବା ସମୟରେ ଅନ୍ୟ କାହା ସହ କଥାବାର୍ତ୍ତା ମଧ୍ୟ କରୁନଥିଲେ। ଜ୍ୟୋତିଷଙ୍କ ମତାନୁଯାୟୀ, ଖାଦ୍ୟ ଖାଇବାର ଅଭ୍ୟାସ ଓ ପ୍ରଣାଳୀ ଆମ ଗ୍ରହଙ୍କ ଉପରେ ପ୍ରଭାବ ପକାଇଥାଏ। ଜାଣନ୍ତୁ.



■ ଖଟରେ ବସି କଦାପି ଭୋଜନ କରନ୍ତୁ ନାହିଁ। ଏହାଦ୍ୱାରା ଅନ୍ନର ଅବମାନନା ହୋଇଥାଏ। ରାହୁଙ୍କ କୁପ୍ରଭାବ ପଡ଼ିଥାଏ।

■ ଭୋଜନ କରିବା ସମୟରେ ଟିଭି ଦେଖନ୍ତୁ ନାହିଁ। ବହି ପଢନ୍ତୁ ନାହିଁ। ଏପରି କରିବା ଦ୍ୱାରା ଶ୍ୱାସନଳୀ ମଧ୍ୟରେ ଭୋଜନର ଅଂଶ ଯିବାର ଅଧିକ ସମ୍ଭାବନା ରହିଥାଏ।

■ଖାଦ୍ୟ ଖାଇବା ପୂର୍ବରୁ ହାତ ଓ ଗୋଡ଼ ଭଲ ଭାବେ ଧୁଅନ୍ତୁ। ଶୀଘ୍ର ଶୀଘ୍ର ଖାଦ୍ୟ ଖାଆନ୍ତୁ ନାହିଁ।

■ ଖାଦ୍ୟ ଖାଇବାର ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ସାମାନ୍ୟ ପିଇପାରିବେ।

■ସର୍ବଦା ବସିବା ଅବସ୍ଥାରେ ଭୋଜନ କରନ୍ତୁ। ଖାଦ୍ୟ ଖାଇବାର ୪୦ ମିନିଟ ପରେ ପାଣି ପିଅନ୍ତୁ।

■ଭୋଜନ କରିବା ପରେ କିଛି ଲୋକେ ଥାଳିରେ ହିଁ ହାତ ଧୋଇଦିଅନ୍ତି। ଏହାଦ୍ୱାରା ମା'ଲକ୍ଷ୍ମୀଙ୍କ ଅବମାନନା ହୋଇଥାଏ। ଚନ୍ଦ୍ର ଓ ଶୁକ୍ରଙ୍କର କୁପ୍ରଭାବ ପଡ଼ିଥାଏ। ଘରୁ ସୁଖ-ସମୃଦ୍ଧି ହ୍ରାସ ପାଇଥାଏ।

■ ଖାଦ୍ୟ ଖାଇବା ପରେ ଥାଳିରେ ବଳକା ଖାଦ୍ୟ ଛାଡ଼ନ୍ତୁ ନାହିଁ। ଖାଦ୍ୟ ଖାଇବା ସମୟରେ ପ୍ରଥମେ ଏହାକୁ ମସ୍ତକରେ ଲଗାଇ ଭୋଜନ କରନ୍ତୁ।

■ ଭୋଜନ କରିବା ସମୟରେ ପୂର୍ବ ଦିଗକୁ ମୁହଁ କରି ଭୋଜନ କରନ୍ତୁ।

# ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ବିରଳ ରାଜନେତା

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ରାଜନେତା ଓ ସାଲିସ୍‌ବିହୀନ ବ୍ୟକ୍ତିତ୍ୱ। ଜମିଦାରୀ ପ୍ରଥା ଉଚ୍ଛେଦ, ଓଡ଼ିଶା ଭାଗଚାଷ ଆଇନ, ଭୂସଂସ୍କାର ପାଇଁ ପ୍ରାଥମିକ ବ୍ୟବସ୍ଥା ଆଦି ଜନକଲ୍ୟାଣକାରୀ ନିୟମ ଆଣି ନବକୃଷ୍ଣ ଚୌଧୁରୀ ଓଡ଼ିଶାର ଧନୀ-ଦରିଦ୍ର ମଧ୍ୟରେ ତାରତମ୍ୟକୁ ହ୍ରାସ କରିବା ଦିଗରେ ତାଙ୍କର ନିଷ୍ଠା ପ୍ରମାଣ କରିଥିଲେ। ସେ ସବୁବେଳେ ଓଡ଼ିଆଙ୍କ ସ୍ୱାଭିମାନ, ଉନ୍ନତି ବିଷୟରେ ଚିନ୍ତା କରୁଥିଲେ। ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି। ଆଜି ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଜଣେ ବିପ୍ଳବୀ ଜନନାୟକ, ସାମ୍ୟବାଦୀ ଦର୍ଶନର ରୂପକାର, କୃଷକ, ଖଟିଖିଆ ଓ ମେହନତି ମଣିଷର ସୁଖଦୁଃଖର ସାଥୀ, ସରଳ, ନିରାଡ଼ମ୍ବର ଓ ସର୍ବୋପରି ଜଣେ ସଚ୍ଚା ଦେଶସେବକ ଭାବେ ନବକୃଷ୍ଣ ଚୌଧୁରୀ ଓଡ଼ିଶାବାସୀଙ୍କ ହୃଦୟରେ ଚିରଅମର ହୋଇ ରହିବେ। ଗାନ୍ଧିଜୀଙ୍କ ଆହ୍ୱାନରେ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ। ଉଭୟ ବ୍ୟକ୍ତିଗତ ଓ ସାମାଜିକ କ୍ଷେତ୍ରରେ ସାଧୁତା, ନୈତିକତା, ସରଳତା, ପରୋପକାର ଓ ସତ୍ୟବାଦିତା ଦୃଷ୍ଟିରୁ ସେ ସମଗ୍ର ଦେଶରେ ଏକ ବିରଳ ରାଜନେତା ଥିଲେ। ମୂଲ୍ୟବୋଧଭିତ୍ତିକ ରାଜନୀତି ପାଇଁ ନବକୃଷ୍ଣ ଚୌଧୁରୀ ସବୁଦିନ ପାଇଁ




ମନେ ରହିବେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଗାନ୍ଧୀବାଦୀ ଲେଖକ ଓ ସ୍ତମ୍ଭକାର ଶ୍ରୀ ପ୍ରହଲ୍ଲାଦ କୁମାର ସିଂହ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ଜଣେ ସରଳ, ପରୋପକାରୀ, ସତ୍ୟବାନ ରାଜନେତା ଭାବେ ବର୍ଣ୍ଣନା କରି ତାଙ୍କ ସମୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲା ଯାନ୍ତ୍ରିକ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ହୀରାକୁଦ ବନ୍ଧ ନିର୍ମାଣ କାଯର୍ୟ ତାଙ୍କ ସମୟରେ ଚାଲିଥିଲା। ମହାଜନୀ କାରବାର ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କର ନିଷ୍ଠା, ଆଦର୍ଶ, ତ୍ୟାଗପୂତ ଜୀବନ ଓଡ଼ିଶାବାସୀଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି ସେ କହିଥିଲେ। ବିଶିଷ୍ଟ ଶିକ୍ଷାବତ୍ ତଥା ସମାଜସେବୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପ୍ରତିକୂଳତାକୁ ଭ୍ରୂକ୍ଷେପ ନକରି, କ୍ଷମତା ଓ ବସ୍ତୁବାଦୀ ଲୋଭରେ ଅବିଚଳିତ ରହି, ପ୍ରଲୋଭନକୁ ପଦାନତ କରି ନବକୃଷ୍ଣ ଚୌଧୁରୀ ଏକ ନୂତନ ଆଦର୍ଶ ସୃଷ୍ଟି କରିଥିଲେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଇ.ଆଇ.ଟି., ଭୁବନେଶ୍ୱରର ସଦସ୍ୟ ସତ୍ୟବ୍ରତ ପଣ୍ଡା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୀବନାଦର୍ଶ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରି କହିଥିଲେ ଯେ ଚାଷୀମୂଲିଆଙ୍କ ସମସ୍ୟା ପ୍ରତି ନବକୃଷ୍ଣ ଚୌଧୁରୀ ଥିଲେ ଅତ୍ୟନ୍ତ ଭାବପ୍ରବଣ। ନବକୃଷ୍ଣ ଚୌଧୁରୀ ଓଡ଼ିଶାର ଗ୍ରାମାଞ୍ଚଳର ବିକାଶ, ସମାଜର ନିମ୍ନସ୍ରୋତରେ ଥିବା ମଣିଷଙ୍କ ଉନ୍ନତି, ଭାଷାଗତ ଓ ସାଂସ୍କୃତିକ ବିକାଶ ସାଙ୍ଗକୁ ସବୁବେଳେ ଦୂରଦୃଷ୍ଟି ନେଇ ସମାଜର ଉତ୍ତରଣ କଥା ଚିନ୍ତା କରୁଥିଲେ। ତାଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରିପାରିଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଅତିଥିମାନଙ୍କୁ ସ୍ୱାଗତ କରିବା ଅବସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କୁ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ନିଃସ୍ୱାର୍ଥପର ଜନସେବକ, ବିଶିଷ୍ଟ ରାଜନୀତିଜ୍ଞ ବୋଲି ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ (କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାଯର୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ ଉଠାଇବ ବିଜେଡି

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ଓଡିଶା ଏବଂ ଓଡିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜେଡି ଯେଉଁ ଲଢ଼େଇ ଜାରି ରଖିଛି ତାହା ଆହୁରି ଶାଣିତ ହେବ। ଦିଲ୍ଲୀ ଦରବାରରେ ବିଜେଡି ରାଜ୍ୟର ସ୍ୱାର୍ଥ ପାଇଁ ଅତୀତରେ ନିରନ୍ତର ଦାବି କରିଆସିଛି। ଏବେ ସେହି ଦାବିକୁ ଆହୁରି ପ୍ରଭାବୀ ଢଙ୍ଗରେ ଓ ଶାଣିତ ସ୍ୱରରେ ଜୋରଦାର କରାଯିବ। ଓଡିଶାକୁ ଅବହେଳା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ବିଜେଡି ଜବାବ୍ ତଲବ କରିବ ଆଉ ନ୍ୟାୟ ନ ମିଳିବା ଯାଏ ସଂଘର୍ଷ ଜାରି ରଖିବ। ବିଜେଡି ସଂସଦୀୟ ଦଳ ବୈଠକରେ ଦଳର ରାଜ୍ୟସଭା ସାଂସଦମାନଙ୍କୁ ଏପରି ପରାମର୍ଶ ଦେଇଛନ୍ତି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ।



ନବୀନ ନିବାସରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ନବୀନ କହିଛନ୍ତି ଯେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ କରିବା ପାଇଁ ବିଜେଡି ଅନେକ ବର୍ଷ ହେଲା ଦାବି କରି ଆସୁଛି। ବାରମ୍ବାର ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହେଉଥିବା ଓଡିଶାର ଏହା ହେଉଛି ନାର୍ଯ୍ୟ ଅଧିକାର।୨୦୧୪ ର୍ନିବାଚନରେ ଓଡିଶା ବିଜେପି ନିଜ ଇସ୍ତାହାରରେ ଏହାକୁ ପ୍ରସଙ୍ଗ କରିଥିଲା; କିନ୍ତୁ ଆଜି ଯାଏ ଓଡିଶାର ଏହି ଦାବି ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ପୋଲାଭରମ୍ ଓ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ମଧ୍ୟ କେନ୍ଦ୍ର ସରକାର ଓଡିଶାର ସ୍ୱାର୍ଥକୁ ଦଳି ମକଚି ଦେଇଛନ୍ତି। ଓଡିଶା ପ୍ରତି କେନ୍ଦ୍ର ସରକାର ବୈମାତୃକ ମନୋଭାବ ପୋଷଣ କରିବାକୁ ବରଦାସ୍ତ କରାଯିବ ନାହିଁ। ଗତ ୧୦ ବର୍ଷ ହେଲା ବିଜେଡି କୋଇଲା ରାଜଭାଗ ସଂଶୋଧନ ପାଇଁ ସଂସଦରେ ଦାବି କରି ଆସିଛି। ମାତ୍ର ଏହାକୁ କେନ୍ଦ୍ର କର୍ଣ୍ଣପାତ କରୁନାହିଁ। ଓଡିଶାର ପାଣି ପବନ ବିଷାକ୍ତ ହେଉଛି; କିନ୍ତୁ ସେଥିରୁ ମିଳୁଥିବା ରାଜସ୍ୱ ଓଡିଶାବାସୀ ପାଉ ନାହାନ୍ତି। ଯେଉଁମାନେ ବିକାଶରେ ସହଯୋଗ କରୁଛନ୍ତି ସେମାନଙ୍କୁ ବିକାଶ ସ୍ରୋତ ଠାରୁ ଦୂରେଇ ରଖିବା ଗ୍ରହଣୀୟ ନୁହେଁ। ତେଣୁ ଏହା ବିରୋଧରେ ନିରନ୍ତର ସ୍ୱର ଉତ୍ତୋଳନ କରିବାକୁ ନବୀନ ପରାମର୍ଶ ଦେଇଛନ୍ତି।

# ମଣ୍ଡିରୁ ଧାନ କିଣିଲେ ତାଲିକାଭୁକ୍ତ

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ମିଲରମାନେ ସିଧାସଳଖ କୃଷକଙ୍କ ନିକଟରୁ ଧାନ କିଣି ପାରିବେ ନାହିଁ। ଏଭଳି କଲେ ସଂପୃକ୍ତ ମିଲର ମାନଙ୍କୁ କଳାତାଲିକାଭୁକ୍ତ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସତର୍କ କରାଇ ଦେଇଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି ଯେ କେବଳ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମଣ୍ଡିରୁ ମିଲର୍ ଧାର୍ଯ୍ୟ ଦରରେ ଧାନ କିଣିବେ। ସିଧାସଳଖ ମିଲରଙ୍କ ପାଖକୁ ଧାନ ଯିବ ନାହିଁ। ଯଦି ମିଲର ସିଧାସଳଖ ଧାନ କିଣିବେ ସେ ମିଲକୁ ସିଲ୍ କରି ଦିଆଯିବ ସହିତ ତାଙ୍କୁ କଳା ତାଲିକାଭୁକ୍ତ କରାଯିବ।

ସରକାର ପରିବର୍ତ୍ତନ ସହିତ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର। ଦୁର୍ନୀତିକୁ ଏ ସରକାର କେବେ ପ୍ରଶ୍ରୟ ଦେବ ନାହିଁ। ମୋହନ ମାଝୀଙ୍କ ସରକାରରେ ଦୁର୍ନୀତି ଭ୍ରଷ୍ଟାଚାର ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ବଳବତ୍ତର ରହିଛି।

ନୂଆପଡ଼ାରେ ସେମିତି ଏକ ଘଟଣା ସାମ୍ନାକୁ ଆସିଥିଲା ମିଲ ମାଲିକ ମଣ୍ଡିରୁ ଧାନ ନ କିଣି ୫୦୦ କୁଇଣ୍ଟାଲ ଧାନ ୧୭୦୦ ଟଙ୍କାରେ କିଣି ମହଜୁଦ ରଖିଥିଲା ତାକୁ ସିଲ କରାଯାଇଛି। ଆଗକୁ ଏମିତି ଯିଏ ବି କାମ କରିବ ତା ଉପରେ କଡ଼ା ଆକ୍ସନ ନେବେ ରାଜ୍ୟ ସରକାର।

ଚାଷୀମାନଙ୍କୁ ଯେଉଁ ସମୟରେ ଟୋକନ ଦିଆଯାଉଛି ସେମାନେ ସେହି ସମୟରେ ମଣ୍ଡିକୁ ଧାନ ଆଣିବା ପାଇଁ ଏବଂ ସେହି ଦିନ ହିଁ ସେମାନଙ୍କ ଧାନ କିଣାଯିବ ଆଉ ମଣ୍ଡିରେ ପଡି ରହିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସ୍ପଷ୍ଟ କରି ଦେଇଛନ୍ତି। ମିଲ ମାଲିକ ହେଉ କି ଅଧିକାରୀ। ସରକାର ସ୍ପଷ୍ଟ କରିଛନ୍ତି, ଏ ସରକାର କୃଷକଙ୍କ ପାଇଁ ଆସିଛିୟ କୃଷକଙ୍କ ଲାଗି ସରକାର ପ୍ରତି ମଣ୍ଡିରେ ସର୍ବନିମ୍ନ ବ୍ୟବସ୍ଥା କରାଯିବୟ ଆବଶ୍ୟକ ପଡ଼ିଲେ ଚାଷୀଙ୍କୁ ରୋଷେଇ କରି ଖାଇବାକୁ ଦିଆଯିବ। ଯୁଗ ପରିବର୍ତ୍ତନ ସହ ସରକାରଙ୍କ ଆଭିମୁଖ୍ୟ ପରିବର୍ତ୍ତନ ହେଇଛିୟଏଠି ବଡ଼ ବଡ଼ ଅଧିକାରୀ ଭ୍ରାଷ୍ଟଚରରେ ଲିପ୍ତ ଅଛନ୍ତି। ଅନେକ ମିଲର୍ ମଧ୍ୟ ଦୁର୍ନୀତିରେ ସାମିଲ। ଯୋଗାଣ ସମିତିର କର୍ମଚାରୀଙ୍କୁ ଆହ୍ୱାନ ଦେଇ ମନ୍ତ୍ରୀ କହିଛନ୍ତି, ମୁଁ ଜିଲ୍ଲା ବୁଲିଲା ବେଳେ ଦେଖିଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ, ପ୍ରତ୍ୟେକ ସଦସ୍ୟ ମଣ୍ଡିର ଦାୟିତ୍ୱ ନିଅନ୍ତୁ।ଯାହା ଦ୍ୱାରା କେହି ଜଣେ ବି ମିଡିଲ ମ୍ୟାନ ସଫଳ ହେବନି ଘୋଟାଲା କରିବାକୁ। ୨୦ ତାରିଖରେ ଧନକିଣା ପୂର୍ବରୁ ୧୯ ତାରିଖ ଦିନ ଗୋଟେ ସ୍ଥାନରେ ଧାନକିଣା ହୋଇଥିବା ଖବର ପାଇଲି। ୧୭୦୦ ଟଙ୍କାରେ କିଣା ହୋଇଥିଲା , ସଙ୍ଗେ ସଙ୍ଗେ ତାକୁ ସିଲ କରାଗଲା।

# ସବୁଜ ବିଦ୍ୟୁତ୍ ଉତ୍ପାଦନ ଲାଗି ଓଡ଼ିଶା ପ୍ରତିଶ୍ରୁତିବଦ୍ଧ

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ନୂଆଦିଲ୍ଲୀରେ ହୋଇଥିବା ଅକ୍ଷୟ ଶକ୍ତି ରାଉଣ୍ଡ ଟେବୁଲ ବୈଠକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଧ୍ୟକ୍ଷତା କରିଛନ୍ତି। ସୋସାଇଟି ଫର ଲିଗାଲ ଆଣ୍ଡ ପଲିସି ରିସର୍ଚ୍ଚ ଓ ଇଡାମ ଇନଫ୍ରାଷ୍ଟ୍ରକ୍‌ଚରର ମିଳିତ ଆନୁକୂଲ୍ୟରେ କନଫରେନ୍ସର ଆୟୋଜନ ହୋଇଥିଲା। ଏହି ସମ୍ମିଳନୀରେ ଓଡ଼ିଶାର ବିଭାଗୀୟ ଅଧିକାରୀ, ପ୍ରତିନିଧି, ଶିଳ୍ପ ଏବଂ ନିବେଶକ ମାନେ ଏକାଠି ଯୋଗ ଦେଇଥିଲେ। ୨୩ ଟି କମ୍ପାନୀର ୩୪ ଜଣ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସୌର ବିଦ୍ୟୁତ, ପବନ ଶକ୍ତି, ଗ୍ରୀନ ହାଇଡ୍ରୋଜେନ, ଗ୍ରୀନ ଆମୋନିଆ। ଏବଂ ବର୍ଜ୍ୟ ବସ୍ତୁରୁ ଶକ୍ତି ଉତ୍ପାଦନ କରୁଥିବା କମ୍ପାନୀ ଗୁଡ଼ିକ ପ୍ରମୁଖ ଥିଲେ।

ଓଡ଼ିଶାରେ ଥିବା ଅକ୍ଷୟ ଶକ୍ତିର ସୁଯୋଗ ତଥା ସମ୍ଭାବନାର ଅର୍ଥପୂର୍ଣ୍ଣ ବ୍ୟବହାର କରି ଘରୋଇ କମ୍ପାନୀର ଅଂଶଗ୍ରହଣକୁ ପ୍ରୋତ୍ସାହିତ ଏବଂ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ମିଳନୀର ଲକ୍ଷ୍ୟ ରହିଛି। ଓଡ଼ିଶା ଆଜିର ସମୟରେ ସ୍ୱଚ୍ଛ ଶକ୍ତିର ବ୍ୟବହାର, ଉତ୍ପାଦନ ଏବଂ ବିକାଶକୁ ପ୍ରୋତ୍ସାହିତ କରୁଛି।

ଓଡ଼ିଶା ରାଜ୍ୟ ଅକ୍ଷୟ ଶକ୍ତି ନୀତି, ୨୦୨୨ ମଧ୍ୟ ଗ୍ରୀନ ହାଇଡ୍ରୋଜେନ, ଗ୍ରୀନ ଆମୋନିଆ, ଭାସମାନ ସୌରଶକ୍ତି, ପମ୍ପଡ ଷ୍ଟୋରେଜ ପାୱାର (ପିଏସପି), ପବନ ଶକ୍ତି ଭଳି ନୂତନ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରିଛି କ୍ଷସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଡିକାର୍ବୋନାଇଜେସନ୍ ଓ ଜଳବାୟୁ ଅନୁକୂଳ ଲକ୍ଷ୍ୟ ହାସଲରେ ଓଡ଼ିଶାର ଭୂମିକା ଉପରେ ଆଲୋକପାତ




କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ପୂରଣ ନିମନ୍ତେ ଓଡ଼ିଶା ୧୪୦ଗିଗାୱାଟର ସୌର ଏବଂ ଗ୍ରୀନ ହାଇଡ୍ରୋଜେନରୁ ପ୍ରସ୍ତୁତ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଆହୁରି ମଧ୍ୟ କହିଥିଲେ ଯେ, ରାଜ୍ୟର ଅକ୍ଷୟ ଶକ୍ତି ନୀତିକୁ ସମୀକ୍ଷା କରି ଏହାକୁ ଆହୁରି ସୁଦୃଢ, ପୁଞ୍ଜିନିବେଶ ଅନୁକୂଳ ଓ ଗ୍ରାହକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ କରାଯାଇପାରିବ।

ସୋସାଇଟି ଫର ଲିଗାଲ ଆଣ୍ଡ ପଲିସି ରିସର୍ଚ୍ଚ, ଇଡାମ ଇନଫ୍ରାଷ୍ଟ୍ରକଚର ଓ ବରିଷ୍ଠ ଓକିଲ ସଞ୍ଜୟ ସେନ୍ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ବଜାର ବ୍ୟବସ୍ଥା ଓ ପୁଞ୍ଜିନିବେଶ ନିଷ୍ପତ୍ତି ଏବଂ ନିବେଶକଙ୍କ ସ୍ୱାର୍ଥ ରକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରି ରାଜ୍ୟ ଏକ ଦୀର୍ଘମିଆଦୀ ଯୋଜନା, ଯାହା ବିଦ୍ୟୁତ ଉପଭୋକ୍ତାଙ୍କୁ ମଧ୍ୟ ସୁହାଇବ, ସେଇଭଳି ଯୋଜନା କରିବା ଉଚିତ ବୋଲି ଦର୍ଶାଇଥିଲେ। ଓଡ଼ିଶାରେ ଉତ୍ପାଦିତ ହେବାକୁ ଥିବା ଅକ୍ଷୟ ଶକ୍ତି ଭାରତର ସବୁଜ ବିଦ୍ୟୁତ ଲକ୍ଷ୍ୟ ପୂରଣରେ ମଧ୍ୟ ସହାୟକ ହେବ। ଇଡାମର ମ୍ୟାନେଜିଂ ଡ଼ାଇରେକ୍ଟର ବଳୱନ୍ତ ଜୋଶୀ ଓଡ଼ିଶାର ନିୟାମକ ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲେ।

ଶକ୍ତି କମ୍ପାନୀ ରିନିଉ ର ଚେୟାରମ୍ୟାନ ସୁମନ୍ତ ସିହ୍ନା ଓଡ଼ିଶାର ତାପଜ ବିଦ୍ୟୁତ ଶକ୍ତିରୁ ସବୁଜ ତଥା ସ୍ୱଚ୍ଛ ବିଦ୍ୟୁତ ଶକ୍ତିକୁ ସ୍ଥାନାନ୍ତର ହେବା ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ ଏବଂ ଗ୍ରୀନ ହାଇଡ୍ରୋଜେନ ପ୍ରକଳ୍ପ ବିଷୟରେ ସରକାରଙ୍କ ଅଗ୍ରଗତି ବିଷୟରେ ଦୃଷ୍ଟିପାତ କରିଥିଲେ। ଅକ୍ଷୟ ଶକ୍ତି ଉତ୍ପାଦନ କରୁଥିବା କମ୍ପାନୀ ଯଥା ଠ୨, ଓସିଅର, ହେକ୍ସା କ୍ଲାଇମେଟ, ଆଦିତ୍ୟ ବିର୍ଲା ରିନେବୁଲ, ଜିନ୍ଦଲ ରିନେବୁଲ, ରି ସଷ୍ଟେନେବିଲିଟି, ଅଭଡ଼ା, ୱେଲସ୍ପନ, ଜେଏସଡବ୍ଲୁ, ପୂର୍ବ ଗ୍ରୀନ ପ୍ରଭୃତି କମ୍ପାନୀ ରାଜ୍ୟର ବିତରଣ ସୀମା ଏବଂ ଶୁଳ୍କ, ସହଜ ଜମି ଆବଣ୍ଟନ, ଏକକ ବ୍ୟାଙ୍କିଂ, ନିୟମାବଳୀରେ ସଂଶୋଧନ ଏବଂ ରାଜ୍ୟ ତରଫରୁ ସହାୟତା ବିଷୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସହ ଆଲୋଚନା କରିଥିଲେ।

## ଥାନା ଅଧିକାରୀଙ୍କୁ ଫତୁଆ

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ଭୁବନେଶ୍ୱରରେ ହେବ ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକ(ଡିଜିପି) ସମ୍ମିଳନୀ। କିନ୍ତୁ ରାଜଧାନୀରେ ଆଇନଶୃଙ୍ଖଳା ବିଗିଡ଼ି ଗଲାଣି। ଲୁଟ୍, ଛିନ୍ତାଇ, ହତ୍ୟା, ଗୋଷ୍ଠୀ ସଂଘର୍ଷରେ କମିଶନରେଟ ପୁଲିସର ପାରିବା ପଣିଆ ପଦାରେ ପଡିଛି। ଏନେଇ ଉପର ମହଲରୁ ତାଗିଦ୍ ପରେ ଚେତିଛି କମିଶନରେଟ୍ ପୁଲିସ। ଡିସିପି ପିନାକ ମିଶ୍ର ଭୁବନେଶ୍ୱର ଯୁପିଡିର ସବୁ ଥାନା ଅଧିକାରୀଙ୍କୁ ଫତୁଆ ଜାରି କରିଛନ୍ତି। ଚରମବାଣୀ ଶୁଣାଇଛନ୍ତି, ସାରା ରାତି ଉଜାଗର ରୁହ। ରାଜରାସ୍ତା ହେଉ କି ଗଳିକନ୍ଦି। ଥରେ ନହେଲେ ୧୦ ଥର ଚକ୍କର କାଟ। କୁଖ୍ୟାତ ଅପରାଧୀ, ଅଭ୍ୟାସଗତ ଲୁଟେରା, ଚୋର, ପେସାଦାର ନିଶା ବେପାରୀ ମାଫିଆଙ୍କୁ ବାନ୍ଧ। ଆଉ ରାତିକ ଭିତରେ ଶହେରୁ ଅଧିକ ଗିରଫଦାରି ଦେଖାଅ। ଡିସିପିଙ୍କ ଏଭଳି ତାଗିଦ୍ ପରେ ସବୁ ଥାନା ଅଧିକାରୀ ଛାନିଆ ହୋଇଯାଇଛନ୍ତି।

# 'ଜେଡ୍' ବିଲ୍ଡରରେ ଇଡ଼ି ରେଡ୍

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ବିଲ୍ଡର ସଂସ୍ଥା 'ଜେଡ୍' ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ କରାଯାଇଛି। ବେଆଇନ ବୈଦେଶିକ ମୁଦ୍ରା ବିନିମୟ ଅଭିଯୋଗରେ ଏହି ଚାଉ କରାଯାଇଥିବା



ଜଣାଯାଇଛି। ଇଡି ପକ୍ଷରୁ ୧୧ଟି ସ୍ଥାନରେ ଏହି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି।

ବିଲ୍ଡର ସଂସ୍ଥା 'ଜେଡ୍' ବେଆଇନ ବୈଦେଶିକ ମୁଦ୍ରା ବିନିମୟ କରୁଥିବା ନେଇ ଅଭିଯୋଗ ହୋଇଥିଲା।ଏନେଇ ଇଡି ଏହି ସଂସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଗତକାଲି ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା। 'ଜେଡ୍' ନିର୍ଦ୍ଦେଶକଙ୍କ ଘର ଓ ଅଫିସରେ ମଧ୍ୟ ଇଡି ପକ୍ଷରୁ ଚାଉ କରାଯାଇଥିଲା। ଚଢ଼ାଉ ବେଳେ ବହୁ ଗୁରୁତ୍ୱ ପୂର୍ଣ୍ଣ କାଗଜ ପତ୍ର ଓ ମୋଟା ଅଙ୍କର ଟଙ୍କା ଜବତ କରାଯାଇଥିବା ସୂଚନା ମିଳିଛି।

ଇଡ଼ି ରେଡ୍ ସମ୍ପର୍କରେ 'ତ' ଇଷ୍ଟେଟ୍ ମୁଖ୍ୟ ତପନ ମହାନ୍ତି କହିଛନ୍ତି, ଗତକାଲି ଇଡ଼ି ପକ୍ଷରୁ ରେଡ୍ କରାଯାଇ ନ ଥିଲା, ଖାଲି ସର୍ଚ୍ଚ କରାଯାଇଥିଲା। ୧୧ଟି ସ୍ଥାନରେ ଏହି ଯାଞ୍ଚ କରାଯାଇନଥିଲା, ୨ରୁ ୩ଟି ସ୍ଥାନରେ ଯାଞ୍ଚ କରାଯାଇଥିଲା। ଫରେନ ଏକ୍ସଚେଞ୍ଜ ମ୍ୟାନେଞ୍ଜମେଣ୍ଟ ଆକ୍ଟ-ଫେମା ଅନୁସାରେ ଯେଉଁ ବିଦେଶୀପୁଞ୍ଜି ଆସିଛି ତାହାକୁ ନେଇ ସାଧାରଣ ଭାବେ ୨ରୁ ୩ଟି ସ୍ଥାନ ଭୁବନେଶ୍ୱ ଘର, ଅଫିସ ଓ ଦିଲ୍ଲୀର ଏକ ଅଫିସରେ ଯାଞ୍ଚ କରାଯାଇଥିଲା। ଆମେ ତାଙ୍କୁ ସହଯୋଗ କରିଛୁ। ଯାଞ୍ଚ ବେଳେ ମୋ ଘରୁ ନଗଦ ଟଙ୍କା, ଅଳଙ୍କାର ଓ ଆପତ୍ତିଜନକ ଡକ୍ୟୁମେଣ୍ଟ ଇଡ଼ିଜବତ କରିନାହିଁ।

# ଜାତୀୟ ମିଡ଼ିଆ କନକ୍ଲେଭର ଶୁଭାରମ୍ଭ

**ଭୁବନେଶ୍ୱର,୨୩।୧୧ (ମହାଭାରତ):** 'କୃତ୍ରିମ ଗୁଣବତ୍ତା ଯୁଗରେ ଗଣମାଧ୍ୟମ' ବିଷୟବସ୍ତୁ ଉପରେ ଆଧାରିତ ଅଷ୍ଟମ ଜାତୀୟ ମିଡ଼ିଆ କନକ୍ଲେଭ ଆଜି ଶୁଭାରମ୍ଭ ହୋଇଯାଇଛି। ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ (ଆଇଏମ୍ଏସ୍) ପକ୍ଷରୁ ଆୟୋଜିତ, ଉତ୍କଳ ବିଶ୍ୱବିଦ୍ୟାଳୟ ସହଭାଗିତାରେ କିମ୍ବ ଅଡିଟୋରିୟମରେ ଅନୁଷ୍ଠିତ ଏହି ତିନିଦିନିଆ ମିଡ଼ିଆ ମହାକୁମ୍ଭକୁ ଉଦଘାଟନ କରି ଇଲେକ୍ଟ୍ରୋନିକ୍ସ , ଆଇଟି ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ ଯେ କୃତ୍ରିମ ଗୁଣବତ୍ତା ଗଣମାଧ୍ୟମ ଓ ଗଣଯୋଗାଯୋଗ କ୍ଷେତ୍ରରେ ଏକ ନୂଆଦିଗନ୍ତ ଓ ପରିବର୍ତ୍ତନ ଆଣିବାକୁ ଯାଉଛି। ଜି.ଡ଼ି.ପି. ହାରବୃଦ୍ଧି ଓ ଅର୍ଥନୀତିକ ଅଭିବୃଦ୍ଧିରେ କୃତ୍ରିମ ଗୁଣବତ୍ତାର ପ୍ରମୁଖ ଅବଦାନ ରହିଛି ବୋଲି ସେ




ଗୁରୁତ୍ୱାରୋପ କରିଥିଲେ। ଫରେନ୍ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ଶାଖା ଓଡ଼ିଶାରେ ପ୍ରତିଷ୍ଠିତ ହେବ ଏବଂ ସେଥିରେ କୃତ୍ରିମ ଗୁଣବତ୍ତା ଆଧାରିତ ବିଷୟ ଉପଲବ୍ଧ ହେବ ବୋଲି ଡ ମହଲିଙ୍ଗ କହିଥିଲେ। ଜାତୀୟ ଗଣମାଧ୍ୟମ କନକ୍ଲେଭ ଅଧ୍ୟକ୍ଷ ତଥା ଆଇ.ଏମ୍.ଏସ. ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ଦେଇ କୃତ୍ରିମ ଗୁଣବତ୍ତା ଓ ସାମାଜିକ କଲ୍ୟାଣ ଦିଗରେ ଏହାର ବ୍ୟବହାର ଉପରେ ଆଲୋକପାତ କରିଥିଲେ।

ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କଂକ୍ଲେଭରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦେଇ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ କୃତ୍ରିମ ଗୁଣବତ୍ତା ମଣିପାଲ ଏକାଡେମୀ ଅଫ ହାୟର ଏଜୁକେସନର ବରିଷ୍ଠ ପ୍ରଫେସର ବି. ପି. ସଞ୍ଜୟ ପ୍ରାରମ୍ଭିକ ଭାଷଣରେ ଗଣମାଧ୍ୟମ ଶିକ୍ଷାରେ କୃତ୍ରିମ ଗୁଣବତ୍ତାକୁ କିପରି ବିନିଯୋଗ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ସାମ୍ବାଦିକତା ରେ ଡ ହରେକୃଷ୍ଣ ମହତାବ ଙ୍କ ଅବଦାନ' ବିଷୟବସ୍ତୁ ଶୀର୍ଷକ ଆଲୋଚନାଚକ୍ରରେ ସଭାପତିତ୍ୱ କରି ସମ୍ବାଦ ଗ୍ରୁପର ଚେୟାରମ୍ୟାନ କହିଥିଲେ ଯେ ଉଭୟ ସାମ୍ବାଦିକତା କ୍ଷେତ୍ରରେ ଡ ମହତାବ ଥିଲେ ଏକ ମାଇଲଖୁଣ୍ଟ। ପଟ୍ଟନାୟକ କହିଥିଲେ ଯେ,ଆଜି ଆମେ ଡ ମହତାବଙ୍କ ୧୨୫ତମ ଜନ୍ମ ବାର୍ଷିକ ପାଳନ କରୁଛୁ ଯଦି ଓଡ଼ିଶା ରେ ସତ୍ତା ପରିବର୍ତ୍ତନ ହୋଇନଥାନ୍ତା ଏହା କେବେବି ସମ୍ଭବ ହୋଇନଥାନ୍ତା। ଏଡିଟରସ ଗିଲଡ଼ ଅଫ ଇଣ୍ଡିଆ ର ସାଧାରଣ ସମ୍ପାଦକ ରୁବେନ ବାନାର୍ଜୀ, ମଖନଲାଲ ଚତୁର୍ବେଦି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କେ.ଜି ସୁରେଶ ଓ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ଡ ମହତାବ ଙ୍କର ସାମ୍ବାଦିକତା କ୍ଷେତ୍ରରେ ବଳିଷ୍ଠ ଅବଦାନ, ଏବଂ ଏବେର ପରିବର୍ତ୍ତିତ ସାମ୍ବାଦିକତା ପରିସ୍ଥିତି ରେ ତାଙ୍କର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ।




# କୂଟନୈତିକ ବିଜୟ

ଭାରତ ତୁଳନାରେ ଚୀନର ସାମରିକ ଶକ୍ତି ସେତେବେଳେ ବି ଅଧିକ ଥିଲା, ଏବେ ବି ଏହା ଭାରତଠାରୁ ପ୍ରତିରକ୍ଷା ଦୃଷ୍ଟିରୁ ଅଧିକ ଶକ୍ତିଶାଳି। ସେତେବେଳେ ଚୀନ ଭାରତର ଅନେକ ଅଞ୍ଚଳକୁ ଦଖଲ କରି ନେଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଏହାକୁ ଗୁରୁତ୍ୱ ଦେଇନଥିଲେ। ଗୁରୁତ୍ୱ ଦେଲେ ବି କିଛି ପରିବାର ସାମର୍ଥ୍ୟ ତାଙ୍କର ନଥିଲା। ତେଣୁ ଲଦାଖଠାରୁ ଆରମ୍ଭ କରି ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ଅନେକ ଅଞ୍ଚଳ ଏବେ ବି ଚୀନ ଦଖଲରେ ରହିଛି। ଏହା ପରେ ଚୀନ ଭାରତର ଆହୁରି ଅନେକ ଅଞ୍ଚଳକୁ ନିଜର ବୋଲି ଦାବି କରୁଛି। ଅରୁଣାଚଳ ପ୍ରଦେଶକୁ ଚୀନ ନିଜର ବୋଲି ଦାବି କରୁଛି। ୨୦୨୦ରେ ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତରେ ଅନୁପ୍ରବେଶ କରିବାଂ ଫଳରେ ଉଭୟ ପକ୍ଷରୁ ସେନା ହାତାହାତି ହୋଇଥିଲେ ଏବଂ ଅନେକ ଭାରତୀୟ ଯବାନ ମୃତାହତ ହୋଇଥିଲେ। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ଥିଲା। ସେହିଦିନଠାରୁ ଦୁଇ ଦେଶର ସୀମାରେ ଉତ୍ତେଜନା ଲାଗି ରହିଥିଲା। ଅନେକ ସମୟରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହୋଇଛନ୍ତି। ତେବେ ଉତ୍ତେଜନା ହ୍ରାସ କରିବାକୁ ଉଭୟ ପକ୍ଷ ମଧ୍ୟରେ କୂଟନୈତିକ ଓ ସେନାଧିକାରୀ ସ୍ତରରେ ବାରମ୍ବାର ଆଲୋଚନା ବୈଠକ ଚାଲିଥିଲା। ଶେଷରେ ଏହା ସଫଳ ହୋଇଛି ଏବଂ ଏଲଏସିରୁ ଉଭୟ ସେନା ପଛକୁ ହଟିଛନ୍ତି। ଏଥିଲାଗି ଦୁଇ ଦେଶ ମଧ୍ୟରେ ଏକ ବୁଝାମଣା ହୋଇଛି। ଗତ ସପ୍ତାହରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ରଷିଆ ଯାଇଥିବା ବେଳେ ସେଠାରେ ଚୀନ ରାଷ୍ଟ୍ରପତି ସି ଜିନ ପିଙ୍ଗଙ୍କ ସହ ସାକ୍ଷାତ ଆଲୋଚନା ହୋଇଥିଲା। ୫ ବର୍ଷ ବ୍ୟବଧାନରେ ଦୁଇ ନେତାଙ୍କ ମଧ୍ୟରେ ଏହା ଥିଲା ପ୍ରଥମ ଆନୁଷ୍ଠାନିକ ଦ୍ୱିପାକ୍ଷିକ ବୈଠକ। ଏହି ବୈଠକ ବେଶ ଫଳପ୍ରଦ ଏବଂ ପ୍ରଭାବଶାଳୀ ହୋଇଛି। ଏହା ପରେ ଏଲଏସିରୁ ସେନା ପ୍ରତ୍ୟାହାର ସମ୍ପୂର୍ଣ୍ଣ ହୋଇଛି। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏକ ବଡ଼ କୂଟନୈତିକ ସଫଳତା ବୋଲି କୁହାଯାଇପାରେ। ମୋଦିଙ୍କ ଶାସନ କାଳରେ ଭାରତର ବୈଦେଶିକ ନୀତି ଅନେକାଂଶରେ ସଫଳ ହୋଇଛି। ଭାରତ ନିଜ ସ୍ୱାର୍ଥକୁ ପ୍ରାଥମିକତା ଦେବା ସହିତ ନିରପେକ୍ଷତା ଅବଲମ୍ବନ କରି ଆସିଛି। ୟୁକ୍ରେନ-ରଷିଆ ଯୁଦ୍ଧ ହେଉ ଅଥବା ଗାଜା ଉପରେ ଇସ୍ରାଏଲର ଆକ୍ରମଣ ହେଉ, ଭାରତ ସବୁ ବେଳେ ନିଜର ଏକ ସ୍ୱତନ୍ତ୍ର ମତ ଉପସ୍ଥାପନ କରିଛି। ଆମେରିକା ବା ରଷିଆ କାହାର ଗୋଡ଼ାଣିଆ ହୋଇନି। ଯାହା ଉଚିତ , ଯାହା ନ୍ୟାୟସଙ୍ଗତ ବୋଲି ଭାରତ ବିଚାର କରିଛି ତାହା ହିଁ କରିଛି। ଜାତିସଂଘରେ ରଷିଆ ବିରୋଧରେ ଆସିଥିବା ପ୍ରସ୍ତାବକୁ ଭାରତ ବିରୋଧ କରିଛି। କିନ୍ତୁ ଆମେରିକା ସହ ମଧ୍ୟ ଉତ୍ତମ ବାଣିଜ୍ୟିକ ସମ୍ପର୍କ ରକ୍ଷା କରିଛି। ରଷିଆକୁ ଭାରତର ସମର୍ଥନ ଏବଂ ଆମେରିକାର କଟକଣାକୁ ଭାରତର ଅମାନ୍ୟ ସତ୍ତ୍ୱେ ଆମେରିକା ଭାରତ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ କରିପାରିନାହିଁ। ଆମେରିକା, ଚୀନ, ରଷିଆ ଭଳି ଭାରତ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଏବଂ ପରିଚୟ ସୃଷ୍ଟି କରିଛି। ବିଶ୍ୱଦରବାରରେ ଭାରତର ସମ୍ମାନ ବଢ଼ିଛି। ଜାତିସଂଘରେ ଯେ କୌଣସି ପ୍ରସଙ୍ଗ ହେଉ ନା କାହିଁକି ଭାରତର ମତାମତକୁ ଅନ୍ୟମାନେ ଗୁରୁତ୍ୱ ଦେଇଛନ୍ତି। ଏପରିକି ଚୀନ ମଧ୍ୟ ଭାରତର ମତାମତକୁ ସ୍ୱୀକୃତି ପ୍ରଦାନ କରିଛି। ତେଣୁ ଭାରତ ଭଳି ଏକ ଶକ୍ତିଶାଳି ପଡ଼ୋଶୀ ରାଷ୍ଟ୍ର ସହ ସମ୍ପର୍କ କ୍ଷୁର୍ଣ୍ଣ କରିବାକୁ ଚୀନ ଚାହିଁନି। ଭାରତ ସହ ଚୀନର ବାଣିଜ୍ୟିକ ସମ୍ପର୍କ ମଧ୍ୟ ବେଶ ସୁଦୃଢ଼। ଏହାକୁ ଚୀନ ସବୁ ବେଳେ ଗୁରୁତ୍ୱ ଦେଇ ଆସିଛି। ଭାରତର ସହ ବାଣିଜ୍ୟିକ ସମ୍ପର୍କ କ୍ଷୁର୍ଣ୍ଣ ହେଲେ ଚୀନର ହିଁ କ୍ଷତି ହେବ।

# ସମୁଦ୍ର ଉପକୂଳ ପାଇଁ ନୂଆ ସଙ୍କଟ

॥ ବିପିନ ବିହାରୀ ରାଉତ ॥

*ରାଜ୍ୟର ଯେକୌଣସି ସ୍ଥାନର ବନ୍ଦର କିମ୍ବା ଅନ୍ୟ କୌଣସି ଭିତ୍ତିଭୂମି ବିକାଶ ପାଇଁ ଚିନ୍ତା କରାଗଲେ ସରକାର ଆଖପାଖ ଗାଁ ଓ ଅନ୍ୟ ଦିଗ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ଦୁଇଟି ବନ୍ଦର ପାଇଁ ସମସ୍ୟା ସୃଷ୍ଟି ହୋଇ ସାରିଥିବା ବେଳେ ଧାମରାରେ ଏହି ସମସ୍ୟା ବର୍ତ୍ତମାନ ପର୍ଯ୍ୟନ୍ତ ଦେଖାଯାଇ ନାହିଁ। ଧାମରା ବନ୍ଦର ପାଇଁ ସମୁଦ୍ର ମଧ୍ୟରେ ଥିବା ଦୀପ ବରଦାନ ସାବ୍ୟସ୍ତ ହୋଇଛି। ପ୍ରାକୃତିକ ଉପାୟରେ ସମୁଦ୍ର ଲହଡି ଦୀପରେ ମାଡ଼ ହେଉଥିବାରୁ ବନ୍ଦର ପାଇଁ ବିଶେଷ ସମସ୍ୟା ସୃଷ୍ଟି ହେଉ ନଥିବା ଏହି ରିପୋର୍ଟରେ କୁହାଯାଇଛି।*

ନଦୀ ନାଳ ଦ୍ୱାରା ସମୁଦ୍ରକୁ ବିଭିନ୍ନ ପ୍ରକାର ପଥର, ଗୋଡ଼ି, ପଙ୍କ ପ୍ରବାହିତ ହୋଇ ଆସେ। ସମୁଦ୍ରକୁ ପାଣି ଯାଉଥିବା ବେଳେ ଏ ସବୁ କଠିନ ପଦାର୍ଥ ସମୁଦ୍ର ଢ଼େଉରେ ଭାସି ଆସି କୂଳରେ ସମାନ ଭାବେ ଜମା ହୁଏ। ଏହି କଠିନ ପ୍ରାକୃତିକ ବର୍ଜ୍ୟ ଉପକୂଳରେ ଏକ ପ୍ରାକୃତିକ ସୁରକ୍ଷା ପାଚେରୀ ତିଆରି କରିଥାଏ। କିନ୍ତୁ କିଛି ବର୍ଷ ହେଲା ସମୁଦ୍ର କୂଳରେ ନିର୍ମାଣ ଓ ନଦୀର ଉପରମୁଣ୍ଡରେ ଜଳକୁ ଅବରୋଧ କରିବା ଦ୍ୱାରା ଏ ବ୍ୟବସ୍ଥା ପ୍ରଭାବିତ ହୋଇଛି। ନଦୀ ନାଳରେ ଠିକ ସମୟରେ ପାଣି ଆସୁନାହିଁ ଫଳରେ ପ୍ରାକୃତିକ କଠିନ ବର୍ଜ୍ୟ ମଧ୍ୟ ଆବଶ୍ୟକ ପରିମାଣରେ ଆସୁନାହିଁ। ଏହାଛଡ଼ା ସମୁଦ୍ର କୂଳରେ ବିଭିନ୍ନ ନିର୍ମାଣ କାମ ପାଇଁ କଠିନ ବର୍ଜ୍ୟ ସମତୁଲ ଭାବେ ସମୁଦ୍ର କୂଳରେ ଜମା ହୋଇପାରୁ ନଥିବାରୁ କେଉଁଠି ଅତ୍ୟଧିକ ଜମା ହୋଇ ରହୁଛି ତ ଆଉ କେଉଁଠି ଢ଼େଉ ସାଂଘାତିକ କୂଳ ଖାଉଛି ଯାହା ଉପକୂଳ ସୁରକ୍ଷା ପାଇଁ ସଙ୍କଟ ସୃଷ୍ଟି କରୁଛି। ନେଦରଲ୍ୟାଣ୍ଡର ପରିବେଶ ବିଜ୍ଞାନ ସମ୍ପର୍କିତ ପ୍ରତିଷ୍ଠିତ ସାଇନ୍ସ ଅଫ ଦି ଟୋଟାଲ ଏନଭାଇରନମେଣ୍ଟ ପତ୍ରିକାରେ ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଅବକ୍ଷୟର ହଟସ୍ପଟ ଚିହ୍ନଟ ହୋଇଛି। ବଡ଼ କଥା ହେଉଛି ଯେ ଏହି ପ୍ରକ୍ରିୟା ମଧ୍ୟରେ ନଦୀଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ଯାହାର ପ୍ରଭାବ ସ୍ୱରୂପ କିଛି ମାସ ପୂର୍ବେ ଋଷିକୂଲ୍ୟା ନଦୀରେ ଏକ ନୂଆ ମୁହାଣ ସୃଷ୍ଟି ହୋଇ ସାରିଛି। ଗବେଷଣାରେ କୁହାଯାଇଛି ଯେ ମହାନଦୀ ଉପରମୁଣ୍ଡ ସହିତ ରାଜ୍ୟର ବିଭିନ୍ନ ନଦୀ ଉପରମୁଣ୍ଡରେ ଡ୍ୟାମ ଓ ଅନ୍ୟ କାର୍ଯ୍ୟ ପାଇଁ ସମୁଦ୍ର ପାଣିକୁ ଆସିବା କମ ହୋଇଯାଉଛି। ଏହାଦ୍ୱାରା ଗତ ୨୦-୩୦ ବର୍ଷ ମଧ୍ୟରେ ସମୁଦ୍ରକୁ ପାଣି ଓ ସେଡିମେଣ୍ଟ ଆସିବା ମଧ୍ୟ କମ ହୋଇଯାଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସମୁଦ୍ର ଉପକୂଳ ଅବକ୍ଷୟ ହେବାରେ ଲାଗିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏରି ରିସର୍ଚ୍ଚରେ ସାମିଲ ଥିବା ଫକୀର ମୋହନ ବିଶ୍ୱବିଦ୍ୟାଳୟର ଜିଓଗ୍ରାଫି ବିଭାଗର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ ଏଥିରେ ମୁଖ୍ୟତଃ ବନ୍ଦର ଅଞ୍ଚଳ ଗୁଡ଼ିକ ଅଧିକ ପ୍ରଭାବିତ ହେଉଥିବା ଜଣା ପଡ଼ିଛି। ରାଜ୍ୟରେ ଥିବା ୩ଟି ବନ୍ଦର ମଧ୍ୟରୁ ବର୍ତ୍ତମାନ ପାରାଦ୍ୱୀପ ଓ ଗୋପାଳପୁର ବନ୍ଦରର ଏହାର ପ୍ରଭାବ ଦେଖା ଦେଇ ସାରିଛି। ସେ କହିଛନ୍ତି ଯେ ବନ୍ଦର ନିର୍ମାଣ ପାଇଁ ପ୍ରଥମେ ସମୁଦ୍ର ଢ଼େଉର ପ୍ରତିକାର ପାଇଁ ଏକ ଲମ୍ବା କଂକ୍ରିଟ ଭିଡି (ଷ୍ଟ୍ରକଚର) ନିର୍ମାଣ କରାଯାଉଛି। ଏହି ଲମ୍ବା ଭିଡିଟି ସମୁଦ୍ର ଢ଼େଉକୁ ପ୍ରତିରୋଧ କରୁଛି। ଏହି ଲମ୍ବା ଭିଡି ଯୋଗୁଁ ଯେଉଁ ସେଡିମେଣ୍ଟ ଗୁଡ଼ିକ ସମାନ ଭାବେ ବାଣ୍ଟି ହୋଇଯିବା କଥା ଏହି ଷ୍ଟ୍ରକଚର ଯୋଗୁଁ ସେହି ସ୍ଥାନରେ ଏହା ଉପକୂଳକୁ ଆସିପାରୁନାହିଁ। ତେବେ ଯେଉଁ ସ୍ଥାନରେ ଏହି ବାଧା ସୃଷ୍ଟି ହେଉଛି, ଏହାର ଦକ୍ଷିଣ ଦିଗରେ ଏହି ସମସ୍ତ ସେଡିମେଣ୍ଟଗୁଡ଼ିକ ଗଦା ହେଉଛି। ମାତ୍ର ଏହାର ଉତ୍ତର ଦିଗରେ ବ୍ୟାପକ ଭାବେ ସମୁଦ୍ର ଅବକ୍ଷୟ ହେବାରେ ଲାଗିଛି ବୋଲି ଜଣାପଡ଼ିଛି। ଯାହାର ଉଦାହରଣ ସ୍ୱରୂପ ପାରାଦ୍ୱୀପର ଉତ୍ତର ଅର୍ଥାତ ସାତଭାୟାରେ ସମୁଦ୍ର କୂଳ ଲଙ୍ଘିବା ସହିତ ଏଠାରେ ଅବକ୍ଷୟ ହୋଇ ଚାଲିଛି। ସମାନ ଭାବେ ଗୋପାଳପୁର ବନ୍ଦରର ଦକ୍ଷିଣ ଅର୍ଥାତ୍ ଟୁରିଷ୍ଟ ବିଚ ନିକଟସ୍ଥ ଅଞ୍ଚଳରେ ସେଡିମେଣ୍ଟ ଗଦା ହୋଇ ଚାଲିଥିବାବେଳେ ବନ୍ଦରର ଉତ୍ତର ଭାଗ ଅର୍ଥାତ୍ ପୋଡମପେଟାରେ କୂଳ ଅବକ୍ଷୟ ହେଉଛି। ଏହି ଅବକ୍ଷୟ ଫଳରେ ସେଉଁ ସେଡିମେଣ୍ଟ ସବୁ ସମୁଦ୍ରକୁ ଆସୁଛି ତାହା ବର୍ତ୍ତମାନ ଋଷିକୂଲ୍ୟା ମୁହାଣ ନିକଟରେ ଗଦା ହେଉଛି। ଯାହାଫଳରେ ଏହି ମୁହାଣରୁ ସମୁଦ୍ରକୁ ଠିକ ଭାବେ ପାଣି ଆସ ନପାରି ଋଷିକୂଲ୍ୟାରେ ଆଉ ଏକ ମୁହାଣ ଖୋଲିଛି ଓ ସେଠାରୁ ସମୁଦ୍ରକୁ ପାଣି ପ୍ରବେଶ କରିଛି। ବର୍ତ୍ତମାନ ଯେଉଁ ମୁହାଣ ଦେଇ ପାଣି ସମୁଦ୍ରରେ ମିଶୁଛି, ସେଠାରେ ବିରଳ ଅଲିଭରିଡଲେ କଇଁଛ ଗଣ ଅଣ୍ଡାଦାନ କରିଥାନ୍ତି। ବର୍ତ୍ତମାନ ଏହି ପ୍ରକ୍ରିୟାରେ ମଧ୍ୟ ବାଧା ସୃଷ୍ଟି ହେବ ବୋଲି ପ୍ରଫେସର ମିଶ୍ର କହିଛନ୍ତି।

ରାଜ୍ୟର ଯେକୌଣସି ସ୍ଥାନର ବନ୍ଦର କିମ୍ବା ଅନ୍ୟ କୌଣସି ଭିତ୍ତିଭୂମି ବିକାଶ ପାଇଁ ଚିନ୍ତା କରାଗଲେ ସରକାର ଆଖପାଖ ଗାଁ ଓ ଅନ୍ୟ ଦିଗ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ଦୁଇଟି ବନ୍ଦର ପାଇଁ ସମସ୍ୟା ସୃଷ୍ଟି ହୋଇ ସାରିଥିବା ବେଳେ ଧାମରାରେ ଏହି ସମସ୍ୟା ବର୍ତ୍ତମାନ ପର୍ଯ୍ୟନ୍ତ ଦେଖାଯାଇ ନାହିଁ। ଧାମରା ବନ୍ଦର ପାଇଁ ସମୁଦ୍ର ମଧ୍ୟରେ ଥିବା ଦୀପ ବରଦାନ ସାବ୍ୟସ୍ତ ହୋଇଛି। ପ୍ରାକୃତିକ ଉପାୟରେ ସମୁଦ୍ର ଲହଡି ଦୀପରେ ମାଡ଼ ହେଉଥିବାରୁ ବନ୍ଦର ପାଇଁ ବିଶେଷ ସମସ୍ୟା ସୃଷ୍ଟି ହେଉ ନଥିବା ଏହି ରିପୋର୍ଟରେ କୁହାଯାଇଛି। ଅନ୍ୟପଟେ ଯେଉଁ ସ୍ଥାନ ଗୁଡ଼ିକରେ ଅବକ୍ଷୟ ହେଉଛି, ସେଠାରେ ବାରମ୍ବାର ବାଲି ଫିଲିଂ ହେବା ଆବଶ୍ୟକତା ରହିଛି। ଆମେ ସମସ୍ତେ ସଚେତନ ହୋଇ ପରିବେଶକୁ ଭଲ ପାଇବା ଅତ୍ୟନ୍ତ ଜରୁରୀ। ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି । ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ ।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୧୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ଼ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୧୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ । ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ ।

# ଆଧ୍ୟାତ୍ମିକତା ଓ ଭାରତର ଯୋଗ ବିଜ୍ଞାନ

॥ ରଜତ କୁମାର ବୋଷ ॥

ଆଜିର କର୍ମବ୍ୟସ୍ତ ଜୀବନରେ ମଣିଷ ସବୁବେଳେ ଦୌଡ଼ିବାରେ ଲାଗିଛି। ବର୍ତ୍ତମାନର କରୋନା ବିଭୀଷିକା ସମୟରେ ଯୋଗର ପ୍ରାସଙ୍ଗିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ରୋଗ ଓ ବିଷାଦ ମଣିଷର ମନ ଓ ଶରୀରକୁ ଭାରାକ୍ରାନ୍ତ କରିଦିଏ। ଏହାସହ କର୍ମରେ ସର୍ବଦା ବ୍ୟସ୍ତ ରହି ଆମୋଦପ୍ରମୋଦ ପାଇଁ ସମୟ ବାହାର କରିପାରେନି। ତେଣୁ ଚିନ୍ତା, ବିଷାଦ, ଚିଡ଼ିଚିଡ଼ାପଣ ଆଦି ମନ ଭିତରେ ଘର କରିନିଏ। ଶରୀର କ୍ଳାନ୍ତ ହୋଇପଡ଼େ। ଏହାପରେ ମଣିଷ ହୋଇଯାଏ ଡାକ୍ତର ଓ ଔଷଧର କ୍ରୀତଦାସ। ମାତ୍ର ଏହି ସବୁ ମଧ୍ୟରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ପାଇବାର ଏକମାତ୍ର ପନ୍ଥା ହେଉଛି ଯୋଗ। ଶରୀରକୁ ସୁସ୍ଥ ରଖିବା ସହ ଶରୀରର ଶକ୍ତି ବଢ଼ାଇବା, ମନକୁ ଶୀତଳତା ପ୍ରଦାନ କରିବାରେ ଯୋଗର ଭୂମିକା ଅପରିହାର୍ଯ୍ୟ। ଯୋଗ ଦ୍ୱାରା ଆପଣଙ୍କ ବ୍ୟସ୍ତମୟ ଜୀବନକୁ ଏକ ସୁନ୍ଦର ସଙ୍ଗୀତମୟ ଗତି ମିଳିଯାଏ। ଯୋଗ ଆମ ପ୍ରାଚୀନ ଭାରତର ପରିଚୟ ଅଟେ। ସଂସାରର ପ୍ରଥମ ପୁସ୍ତକ ଋକବେଦର କେତେକ ସ୍ଥାନରେ ଯୋଗକ୍ରିୟାର ବିଶେଷ ଉଲ୍ଲେଖ ରହିଛି। ପ୍ରାୟ ୫୦୦୦ ବର୍ଷ ପୁରୁଣା ଏହି ଯୋଗ କ୍ରିୟା କେବଳ ରୋଗକୁ ଦୂର କରିବାର ପ୍ରକ୍ରିୟା ଭାବେ ନିଜର ଉପସ୍ଥିତି ଜାହିର କରିନାହିଁ ବରଂ ଶରୀରର ସମସ୍ତ ରୋଗେ ଦୂର କରିବା ସହ ମସ୍ତିଷ୍କକୁ ଚିନ୍ତାମୁକ୍ତ କରେ ଓ ମନକୁ ପବିତ୍ର କରି ଆତ୍ମାକୁ ଈଶ୍ୱରଙ୍କ ନିକଟବର୍ତ୍ତୀ କରାଇଥାଏ।

'ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ ଭର୍ଗୋଦେବସ୍ୟ ଧୀମହି ଧିୟୋ ଯୋନଃ ପ୍ରଚୋଦୟାତ୍' - ବେଦରୁ ହିଁ ସର୍ବ ପ୍ରଥମେ ପ୍ରାଚୀନ ଯୋଗର ଉଦ୍ଭବ। ଆଉ ଯୋଗ ହେଉଛି ଆମର ପ୍ରାଚୀନ ଯୋଗୀ, ମୁନିଋଷି ମାନଙ୍କ ଦୀର୍ଘ ସାଧନାର ଫଳସ୍ୱରୂପ ଏକ ଦାନ। ସେମାନଙ୍କର ଆଧ୍ୟାତ୍ମିକ ଅନୁଭୂତି ତଥା ଗଭୀର ଅନୁଶୀଳନ ଦ୍ୱାରା ସମଗ୍ର ବିଶ୍ୱବାସୀଙ୍କ ପାଇଁ ଏହି ଶ୍ରେଷ୍ଠ ସମ୍ପତି ରଖିଯାଇଛନ୍ତି। ବେଦାନ୍ତ ତତ୍ତ୍ୱର ତିନୋଟି ଗ୍ରନ୍ଥ ଉପନିଷଦ, ବ୍ରହ୍ମସୂତ୍ର ଓ ଶ୍ରୀମଦଭାଗବତ ଗୀତାରେ ଏହି ଯୋଗତତ୍ତ୍ୱ ନିହିତ। ମହାଭାରତର ଯୁଦ୍ଧଭୂମି କୁରୁକ୍ଷେତ୍ରରେ ନିଜର ମିତ୍ର ଅର୍ଜ୍ଜୁନଙ୍କ ଭାବାନ୍ତରକୁ ଦୃଷ୍ଟିରେ ରଖି ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରୁ ଗୀତା ରୂପେ ମୁଖରିତ ହୋଇଥିଲା। ଆଜିର ସମୟରେ ଯୋଗ କେବଳ ମଣିଷ ସମାଜର ସ୍ୱାସ୍ଥ୍ୟ ସମସ୍ୟା ନୁହେଁ ବିଭିନ୍ନ ସାମଗ୍ରୀକ ଚିନ୍ତନ ଓ ସମସ୍ୟାକୁ ସମାଧାନ କରିପାରୁଛି। ଏହା ସେମାନଙ୍କୁ ଶାନ୍ତି ଓ ଦିବ୍ୟାନନ୍ଦର ଅନୁଭୂତି ପ୍ରଦାନ କରିବା ସହ ମନର ସନ୍ତୁଳନ, ବ୍ୟକ୍ତିତ୍ୱର ବିକାଶ ଓ ଜୀବନକୁ ଦିବ୍ୟମୟ କରିବା ପାଇଁ ପଥ ପ୍ରଦର୍ଶନ କରୁଛି। ସଂପ୍ରତି ଭାରତୀୟ ଯୋଗବିଜ୍ଞାନ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ସହ ପ୍ରାୟ ପୃଥିବୀର ଅଳ୍ପ ବହୁତ ଅଧିକାଂଶ ରାଷ୍ଟ୍ରରେ ଏ କ୍ଷେତ୍ର ଉପରେ ବିଜ୍ଞାନୀଗଣ ଗବେଷଣା ଓ ପରୀକ୍ଷଣ ଜାରି ରଖିବା ସହ ଯୋଗ ପ୍ରତି ଦିନକୁ ଦିନ ଉତ୍କଣ୍ଠା ଓ ଆଗ୍ରହ ବଢ଼ିବାରେ ଲାଗିଛି। ଭାରତ ହେଉଛି ଯୋଗର ଉଦ୍‌ଗମ ଓ ପ୍ରୟୋଗର କ୍ଷେତ୍ର। ଯୋଗ, ଧ୍ୟାନ, ପ୍ରାଣାୟମ, ଆସନ, ବନ୍ଧମୁଦ୍ରା, ସମାଧି ପରି ବିଭିନ୍ନ କ୍ଷେତ୍ର ଉପରେ ଯୋଗ ବିଜ୍ଞାନର ଗବେଷଣା ବି ଚାଲିଛି। ଯୋଗର ପରମ ଲକ୍ଷ୍ୟ ହେଉଛି ଜୀବାତ୍ମାର ପରମାତ୍ମାଙ୍କ ସହିତ ଯୋଗ ବା ମିଳନ। ଯୋଗ ଦ୍ୱାରା ମନୁଷ୍ୟ ଜନ୍ମ-ମୃତ୍ୟୁ ରୂପକ ସଂସାରଚକ୍ରରୁ ମୁକ୍ତି ପାଏ। ଏବଂ ଅମରତ୍ୱ ଲାଭ କରିଥାଏ।

ଯୋଗକୁ କୌଣସି ନୀତି ରୂପେ ନୁହେଁ ବରଂ ମାନବ ଜୀବନର ମୂଳଭୂତ ଆଧାରଶିଳା ଭାବେ ଗ୍ରହଣ କରିବା ଉଚିତ। ଧର୍ମ ପାଳନ ଏବଂ ସାଧନା ହେଉଛି ଯୋଗର ଦୁଇଟି ବାହୁ। ଏହିପରି ଯୋଗ ହେଉଛି ଏକ ସାମଗ୍ରୀକ ଜୀବନ ପଦ୍ଧତି। ଯୋଗ ସାଧନାର ମୂଳ ଉଦ୍ଦେଶ୍ୟ ହେଉଛି ବ୍ୟକ୍ତିତ୍ୱର ଜୀବନରେ ସରସତା ଆନନ୍ଦ ଆଣିବା ସହ ସନ୍ତୁଳନ ସାଧନା କରିବା। ଆମର ଭାରତୀୟ ମହର୍ଷୀଗଣ ଆଧ୍ୟାତ୍ମିକ ଜୀବନର ପ୍ରତିଟି ମୁହୂର୍ତ୍ତକୁ ତତ୍ତ୍ୱ ଦର୍ଶନର ଅନୁସନ୍ଧାନ ତଥା ନିଜର କଠୋର ତପସ୍ୟା ଓ ସାଧନାତ୍ମକ ପ୍ରୟୋଗର ନିଷ୍କର୍ଷରେ ପହଞ୍ଚି ମାର୍ଗଦର୍ଶନ କରିଛନ୍ତି ଯେ ପରମାତ୍ମା ହେଉଛନ୍ତି ଅସୀମ ଅନନ୍ତ ସମଷ୍ଟି ସତ୍ତା। ଆଉ ମହାନ ହେବାକୁ ହେଲେ ବ୍ୟକ୍ତିସତ୍ତାକୁ ସମଷ୍ଟି ସତ୍ତା ସହିତ ସଂଯୋଗ କରିବାର ଆବଶ୍ୟକତା ରହିଛି। ବିଶ୍ୱରେ ସତ୍-ଚିତ୍-ଆନନ୍ଦମୟ ଚେତନାର ଯେଉଁ ଦିବ୍ୟାନୁଭୂତି ମିଳିଛି ସେସବୁ ହେଉଛି ଯୋଗ ପଦ୍ଧତିର ବିଭିନ୍ନ ଅଙ୍ଗ। ଭାରତୀୟ ବେଦ, ଉପନିଷଦ, ପୁରାଣ ହେଉ ମହାଭାରତ ବା ଭାଗବତ ଯୋଗବାଶିଷ୍ଟ ହେଉ ବା ଯାଜ୍ଞବଲ୍କ୍ୟସ୍ମୃତି ସବୁ ଗ୍ରନ୍ଥରେ ଅନନ୍ତ ଯୋଗସୂତ୍ରର ଉଲ୍ଲେଖ ଦେଖିବାକୁ ମିଳେ। ମହାତ୍ମା ବୁଦ୍ଧଦେବ ଯୋଗଶାସ୍ତ୍ର ନିର୍ଦ୍ଦେଶିତ ଆସନ, ପ୍ରାଣାୟମ, ଧ୍ୟାନ, ମୁଦ୍ରା ଅଭ୍ୟାସ କରି ସମାଧି ସାଧନା କରିଥିଲେ। ଋଗ୍‌ବେଦ, ଅଥର୍ବବେଦରେ ଯୋଗଭ୍ୟାସକୁ ନେଇ ଅନେକ ମନ୍ତ୍ର ସ୍ଥାନିତ ହୋଇଛି। ଜୈନ ଧର୍ମରେ ଭଗବାନ ମହାବୀର ଜୈନ ସ୍ୱୟଂ ସିଦ୍ଧଯୋଗୀ ଥିଲେ। ତାଙ୍କ ପଥ ପ୍ରଦର୍ଶିତ ପଞ୍ଚଜମ ହିଁ ଯୋଗର ମୁଖ୍ୟ ଉପାୟ। ସେହିପରି ପାତଞ୍ଜଳୀ ଯୋଗରେ ବର୍ଣ୍ଣିତ ଅହିଂସା ସହିତ ଜୈନ ସମତ ଅହିଂସା ମହାବ୍ରତର ସ୍ୱରୂପ ଅନେକ କ୍ଷେତ୍ରରେ ସମାନ। ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ। ଯାହାକି ଏକ ଆଧ୍ୟାତ୍ମିକ ବିଜ୍ଞାନ। ଯୋଗର ଲକ୍ଷ୍ୟ ହେଉଛି ମନୁଷ୍ୟକୁ ପ୍ରକୃତିର ଦାସତ୍ୱରୁ ମୁକ୍ତ କରି ତାକୁ ନିଜ ସ୍ୱରୂପର ସାକ୍ଷାତକାର କରାଇବା। ସଂପ୍ରତି ଭାରତୀୟ ଯୋଗଦର୍ଶନ ଗିରିକନ୍ଦର ତଥା ପାହାଡ଼ ପର୍ବତର ଗୁମ୍ଫାରୁ ବାହାରି ସମଗ୍ର ବିଶ୍ୱର ପ୍ରତିଟି କୋଣ ଅନୁକୋଣରେ ପହଞ୍ଚିଛି। ମୋଟାମୋଟି ଭାବରେ ଯୋଗର ଅର୍ଥ ଜୀବାତ୍ମାଙ୍କ ସହ ପରମାତ୍ମାଙ୍କ ମିଳନ। ଯୋଗ ମନୁଷ୍ୟର ଚେତନା ବିକାଶର ବିଜ୍ଞାନ। ଯୋଗ ସାଧନା ଏକ ବିଂଶ ଶତାବ୍ଦୀରେ ପ୍ରତ୍ୟେକ ମାନବର ଅନିର୍ବାର୍ଯ୍ୟ କର୍ତ୍ତବ୍ୟ ରୂପେ ପରିଣତ ହୋଇଛି। ଏହି ସାଧନା ଦ୍ୱାରା ଜଣେ ନିଜକୁ ଠିକ୍ ଭାବରେ ଜାଣିବା ସହ ନିଜକୁ ଅନୁଶାସନରେ ରଖିବା ପାଇଁ ସମର୍ଥ ହୋଇପାରିବ। ମଣିଷର ଉଜୁଡି ଯାଇଥିବା ମୁହୂର୍ତ୍ତ ପୁଣିଥରେ ଗଢ଼ାଯାଇ ପାରିବ। ଯୋଗ ସାଧନାର ତତ୍ତ୍ୱ ଦର୍ଶନ ସହିତ ପରିଚିତ ହୋଇ ମଣିଷ ନିଜକୁ ଜାଣିପାରେ। ହଜିଯାଇଥିବା ଶାନ୍ତିକୁ ପୁନର୍ବାର ଫେରି ପାଇପାରେ। ଏହାର ନିୟମିତ ଅଭ୍ୟାସ ଦ୍ୱାରା ଆମ୍ଭେମାନେ ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ପ୍ରତିଭା, ବିଦ୍ୟା, ଆନନ୍ଦ ଓ ସର୍ବୋପରି ଶାନ୍ତି ଭଳି ବରଦାନ ପ୍ରାପ୍ତ ହୋଇପାରିବା। ତେଣୁ ଆଜି ଆନ୍ତର୍ଜାତିକ ଯୋଗ ଦିବସରେ ଉଜ୍ଜଳ ଭବିଷ୍ୟତର ଆଧ୍ୟାତ୍ମିକ ସମ୍ଭାବନାକୁ ସାକାର କରିବାଲାଗି ଯୋଗ ସାଧନାର ତତ୍ତ୍ୱ ଦର୍ଶନକୁ ହୃଦୟଙ୍ଗମ କରିବା ଏବଂ ଏହାକୁ ଜୀବନର ଦିବ୍ୟମୟ ପଥପାଇଁ ପ୍ରଶସ୍ତର କ୍ଷେତ୍ର ଭାବେ ଗ୍ରହଣ କରିବା।

କୁଆଁସରପୁର, ଯାଜପୁର, ଦୂରଭାଷ : ୯୪୩୭୧୦୩୫୦୨

# ପିଲାଙ୍କ ପାଇଁ ଯୋଗ

॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ନିକଟରେ ମିଳିତ ଜାତିସଂଘ ଦ୍ୱାରା ଭାରତର ପ୍ରଧାନମନ୍ତ୍ରୀଙ୍କ ଯୋଗକୁ ଏକ ସ୍ୱତନ୍ତ୍ର ଦିବସ ରୂପେ ପାଳନ କରିବାକୁ ଗ୍ରହଣ କରିନେବା ପରେ ଆନ୍ତର୍ଜାତିକ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। କେବଳ ଭାରତୀୟ ଆଧ୍ୟାତ୍ମିକ ବିଜ୍ଞାନ ନୁହେଁ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରକୁ ଦେଖାଗଲେ ଜଣାଯାଏ ଯେ ଏହି ଯୋଗ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଭୂମିକା ଗ୍ରହଣ କରିଥାଏ। ତେବେ ଯୋଗାସନ କ୍ଷେତ୍ରରେ ପିଲାମାନଙ୍କର କ୍ଷେତ୍ରକୁ ଦେଖିଲେ କେତେକ କ୍ଷେତ୍ରରେ ଭିନ୍ନ ମତ ଦେଖିବାକୁ ମିଳେ। ଏହା ସୁନିଶ୍ଚିତ କଥା ଆଠ ବର୍ଷରୁ ଊର୍ଦ୍ଧ୍ୱ ପିଲା ତା'ର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଯୋଗ ଶିଖାଇଲେ କିଛି ଖରାପ ନୁହେଁ। କିନ୍ତୁ ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ପ୍ରସଙ୍ଗଟି ହେଉଛି ପିଲାଟିର ସ୍ୱାସ୍ଥ୍ୟ, ଶାରୀରିକ ଅସୁବିଧା ବା ଚିକିତ୍ସା, କୌଣସି ବଂଶାନୁକ୍ରମିକ ରୋଗ ବା ପରିପାର୍ଶ୍ୱିକ ଅବସ୍ଥିତିକୁ ଦେଖି ନିର୍ଣ୍ଣୟ ନେବାକୁ ପଡ଼ିଥାଏ ଯେ ପିଲାଟିର ଶାରୀରିକ ପୃଷ୍ଟିସାଧନ କ୍ଷେତ୍ରରେ ଯୋଗର କ୍ଷେତ୍ର କେଉଁପରି ଓ କିଭଳି ରହିବ। ଆଜିକାଲି କିଛି ପିଲାମାନଙ୍କ ବାପମାଆ ବା ଅଭିଭାବକ ଭାବପ୍ରବଣ ହୋଇ ଖୁବ୍ କମ୍ ବୟସରୁ ପିଲାମାନଙ୍କୁ ଯୋଗ, ଆସନ, ପ୍ରାଣାୟମ ଓ ବିଭିନ୍ନ ଶାରୀରିକ ବିଜ୍ଞାନ କଳା ଶିଖାଉଛନ୍ତି। ଏହାକୁ ଏକ ପ୍ରକାର ଭାବପ୍ରବଣତାର ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବନାହିଁ କିନ୍ତୁ ଏହି କ୍ଷେତ୍ରରେ ଚିକିତ୍ସା ବିଜ୍ଞାନ ନିଶ୍ଚିନ୍ତ ଭାବରେ ଏକ ଚିନ୍ତାଜନକ ବିତର୍କରେ ବି ପହଞ୍ଚି ଯାଇଥାଏ। ଶାସ୍ତ୍ର କହିଛି - 'ଶରୀର ମାଦ୍ୟମଂ ଖଳୁଧର୍ମ ସାଧନମ୍।' ଯାହାର ଭାବାର୍ଥ ହେଉଛି ଶରୀରକୁ ଦେଖି ଧର୍ମ ସାଧନା କର। ସେହିପରି ଆଜିକାଲି କିଛି ବିଦ୍ୟାଳୟରେ ମଧ୍ୟ ପିଲାମାନଙ୍କୁ ଏହିପରି ଯୋଗାସନ ଶିକ୍ଷା ପାଇଁ ଉତ୍ସାହିତ କରାଯାଉଛି। ଆଗାମୀ କାଲିର ଭବିଷ୍ୟତ କୁହାଯାଉଥିବା କୋମଳମତି ପିଲାଙ୍କୁ ଶାରୀରିକ ତତ୍ତ୍ୱ କ୍ଷେତ୍ରରେ ଗଢ଼ି ତୋଳିବା ଏକ ସାଧନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଛୋଟ ପିଲାଟି ପାଇଁ ଏପରି ଅତ୍ୟନ୍ତ ଉପାଦେୟ ପ୍ରସଙ୍ଗ କେତେକ କ୍ଷେତ୍ରରେ ବିପଜ୍ଜନକ ହେବାର ଦୃଷ୍ଟାନ୍ତ ବି ରହିଛି। ସବୁପିଲାମାନଙ୍କ ବାପମାଆ ଚାହାଁନ୍ତି ସେମାନଙ୍କ ପିଲା ସୁସ୍ଥ ସବଳ ଭାବେ କୌଣସି ରୋଗର ଶିକାର ନହୋଇ ବେଶ ଡଉଲ ଡାଉଲ ଶରୀରଟି ପାଉ। କେବଳ ଶାରୀରିକ ଭାବରେ ନୁହେଁ ମାନସିକ ସ୍ତରରେ ପିଲାଟିର ଉନ୍ନତି ବି ବାପମାଆମାନେ ଚାହାଁନ୍ତି। ତେବେ ପିଲାମାନଙ୍କୁ ନିର୍ଦ୍ଦିଷ୍ଟ ବୟସ ଅବଧି ପରେ ଏବଂ ତାହାର ଶରୀରର ସୁସ୍ଥ ସବଳତାକୁ ଦେଖି ତାହାର ଚିକିତ୍ସା କରୁଥିବା ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଯୋଗାଭ୍ୟାସ କଲେ ଏହା ପିଲାଟି ପାଇଁ ଶାରୀରିକ କ୍ଷେତ୍ରରେ ନିଶ୍ଚିନ୍ତ ଭାବରେ ଉପାଦେୟ ହୋଇପାରିବ।

ପିଲାମାନଙ୍କୁ ଆମର ଭାରତୀୟ ପ୍ରାଚୀନତମ ବିଜ୍ଞାନ ଅନୁଯାୟୀ ସୂର୍ଯ୍ୟ ନମସ୍କାର ଶିଖାଇବା ଏକ ଖୁବ୍ ଭଲ ଅଭ୍ୟାସ। ତେବେ ପ୍ରଥମ କଥା ହେଉଛି ପିଲାଟିକୁ ନିର୍ଦ୍ଦିଷ୍ଟ ଖାଦ୍ୟ ଓ ବିଶ୍ରାମର ରୁଟିନ୍ ତିଆରି କରି ସକାଳୁ ଯୋଗ, ଆସନ ପାଇଁ ପ୍ରସ୍ତୁତି କରନ୍ତୁ। ଏହା ପୂର୍ବରୁ ପିଲାଟିର କୋଷ୍ଠକାଠିନ୍ୟ ଥିଲେ, ବଦ୍‌ହଜମ ରହୁଥିଲେ, ଶ୍ୱାସ ବା ଅନ୍ୟକୌଣସି ଆନୁବଂଶିକ ବା ସଂକ୍ରମିତ ରୋଗ ରହୁଥିଲେ, ପିଲାଟିକୁ ନିଦ ନ ହେଉଥିଲେ, ଦୁର୍ବଳ ସ୍ୱାସ୍ଥ୍ୟ ରହୁଥିଲେ, ଉଦାସୀନତା ଚିନ୍ତାଧାରା ଥିଲେ ଏହିପରି ଅନେକ କ୍ଷେତ୍ରର ପରିପାର୍ଶ୍ୱିକ ସ୍ଥିତିକୁ ଗୁରୁତ୍ୱର ସହିତ ଦୃଷ୍ଟି ଦିଅନ୍ତୁ। ପିଲାଟିକୁ ପ୍ରଥମେ ଆଗେ ସୁସ୍ଥସବଳ ରଖିବା ପରେ ହିଁ ଯୋଗ ଦିଗଟିକୁ ଦୃଷ୍ଟି ଦିଅନ୍ତୁ। ଯୋଗାସନ ଶିକ୍ଷା ଦେବା ପୂର୍ବରୁ ପିଲାଟିର ସକାଳୁ ନିତ୍ୟକର୍ମ ସାରିବାର ଅଭ୍ୟାସ ରଖନ୍ତୁ। ପିଲାଟିକୁ ନିଶ୍ଚିନ୍ତ ଭାବରେ ଜଣେ ବିଧିବଦ୍ଧ ଯୋଗ ପ୍ରଶିକ୍ଷକଙ୍କ ଠାରୁ ହିଁ ଏହାକୁ ଶିକ୍ଷା ଦେବାକୁ ବ୍ୟବସ୍ଥା କରନ୍ତୁ। ପିଲାମାନଙ୍କର ପ୍ରାୟ ସକାଳୁ ବିଦ୍ୟାଳୟ ଥିବାରୁ ଘରୋଇ ପରିବେଶରେ ଶିକ୍ଷା ଦେବା କିଛି ମନ୍ଦ ନୁହେଁ। ତେବେ ଯୋଗ ଦ୍ୱାରା ପିଲାଟିକୁ ଖୁବ୍ କମ ଦିନ ଭିତରେ ବେଶ୍ ମଜଭୁତିଆ ଶରୀରର କରିଦେବା ପରି ଚିନ୍ତାଧାରା ରଖନ୍ତୁ ନାହିଁ। ପିଲାଟିର ଗତ ରାତ୍ରିର ବିଶ୍ରାମ, ସକାଳର ନିଦ୍ରା ତ୍ୟାଗ, ନିତ୍ୟକର୍ମ ସହ ବିଦ୍ୟାଳୟକୁ ଯିବା ସମୟକୁ ମଧ୍ୟ ଦୃଷ୍ଟିରେ ରଖନ୍ତୁ। କେତେକ ବାପାମାଆ ଜିମ୍‌ରେ ପିଲାଙ୍କୁ ଶରୀର ବିଜ୍ଞାନ ବା ଯୋଗ ଶିଖାଇବାକୁ ଇଚ୍ଛୁକ ଥାନ୍ତି। ଏହାକିନ୍ତୁ କିଛି ମନ୍ଦ ନୁହେଁ, କିନ୍ତୁ କଥାଟି ହେଉଛି 'ଦିଅଁ ଗଢୁ ଗଢୁ, ମାଙ୍କଡ଼ ନହେଉ'। ପିଲାଟିକୁ ଶିକ୍ଷା ଦିଅନ୍ତୁ କିନ୍ତୁ ଶିକ୍ଷା ନାଁରେ ତା କ୍ରମବିକାଶର ବାଧକ ଯେ ଆପଣଙ୍କ ଶିକ୍ଷା ନ ହେଉଛି ତାହାକୁ ଚିନ୍ତାରେ ରଖିଥାନ୍ତୁ। କିଛି ଅଭିଭାବକ ଯୋଗାସନ କରୁଥିବା ପିଲାମାନଙ୍କ ପାଇଁ ବଜାରରେ ମିଳୁଥିବା ତଥାକଥିତ ପ୍ରୋଟିନ୍ ଖାଦ୍ୟକୁ ବେଶ୍ ଗୁରୁତ୍ୱ ଦିଅନ୍ତି। ସେମାନେ ଭାବନ୍ତି ପିଲାଟି ଯୋଗ, ବ୍ୟାୟାମ କରୁଛି ମାନେ ତା'ଶରୀରକୁ ଭଲ ରକମର ପୁଷ୍ଟିକର ଖାଦ୍ୟ ଦରକାର। ଏହା କିନ୍ତୁ ନିଶ୍ଚିନ୍ତ କଥା। ପିଲାଟିକୁ ଘରୋଇ ବ୍ୟବସ୍ଥାର ପୃଷ୍ଟିକର ଖାଦ୍ୟ ଦିଅନ୍ତୁ। ମୁଗଗଜା ହେଉ ବା ବାଦାମ, ପଞ୍ଚବର୍ଣ୍ଣ ଛତୁଆ ହେଉ ବା ଫଳ, କ୍ଷୀର ହେଉ ବା ଅଣ୍ଡା ବା ଛୋଟମାଛ ଏହା ପିଲାମାନଙ୍କ ପାଇଁ ଅତ୍ୟନ୍ତ ପୁଷ୍ଟିକର। ଯୋଗାସନ ପରେ କିଛି ସମୟ ପିଲାମାନଙ୍କ ପାଇଁ ବିଶ୍ରାମର ଆବଶ୍ୟକତା ବି ରହିଛି। ପିଲାଟି ଯୋଗ ଅଭ୍ୟାସ ବେଳେ ଢ଼ିଲା ଓ ସୂତାବସ୍ତ୍ର ପିନ୍ଧାନ୍ତୁ। ଖୋଲା ଏବଂ ମୁକ୍ତ ପବନ ଯାଉଥିବା ସ୍ଥାନରେ ଏ ଅଭ୍ୟାସ ଶରୀର ପାଇଁ ଉପାଦେୟ। କେତେକ ବିଦ୍ୟାଳୟରେ ନିୟମିତ ଶାରୀରିକ ବିଜ୍ଞାନ ଶ୍ରେଣୀ ବି ରହିଛି ଏହା ପିଲାମାନଙ୍କ ପାଇଁ ବି ଯୋଗାଭ୍ୟାସ କ୍ଷେତ୍ର ପାଇଁ ଉପାଦେୟ। ତେବେ ପିଲାକୁ ଯୋଗାସନ କରିବା ପୂର୍ବରୁ ତାର ସ୍ୱାସ୍ଥ୍ୟର ସମସ୍ତ କ୍ଷେତ୍ରକୁ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ହିଁ ଅଭ୍ୟାସ କରନ୍ତୁ। ନଚେତ୍ ଏହା ପିଲାମାନଙ୍କ ପାଇଁ ଘାତକ ବି ସାବ୍ୟସ୍ତ ହୋଇପାରେ। ଭାରତର ପ୍ରାଚୀନତମ ଯୋଗବିଜ୍ଞାନ ଆଜିକା ସମୟରେ ପିଲାମାନଙ୍କ ପାଇଁ ବି ନିଶ୍ଚିନ୍ତ ଭାବରେ ଉପାଦେୟ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**
**ଦୂରଭାଷ : ୯୪୩୭୧୨୪୦୭୪**

ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



## ବାଲିଶିରା ଗ୍ରାମରେ ବିଷକ୍ରିୟାରୁ ଜଣେ ମହିଳା ଙ୍କ ମୃତ୍ୟୁ

ଆସିକା(ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ଥାନା ବାଲିଶିରା ଗ୍ରାମ ବାଲିପାଟ ସାହିରେ ବିସ କ୍ରିୟା ଯୋଗୁଁ ଜଣେ ମହିଳା ଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଭଗବାନ ଭୂୟାଁ ଙ୍କ ପତ୍ନୀ ରଞ୍ଜିତା ଭୂୟାଁ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ରଞ୍ଜିତା ଗତକାଲି ରାତିରେ କୌଣସି କାରଣକୁ ନେଇ ବିଷକ୍ରିୟା କରିଥିଲେ । ଫଳରେ ସେ ଗୁରତୁର ହୋଇଥିବା ବେଳେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତି କରିଥିଲେ ପରେ ଆସିକା ଉପଖଣ୍ଡ ଚିକତ୍ସାଳୟ ରେ ଭର୍ତି କରିଥିବା ବେଳେ ସ୍ୱାସ୍ଥ୍ୟ ବସ୍ଥାରେ ସୁଧାର ନଆସିବାରୁ ବ୍ରହ୍ମପୁର ସ୍ଥାନାନ୍ତର ବେଳେ ହିଞ୍ଜିଳିକାଟୁ ଠାରେ ସ୍ୱାସ୍ଥବସ୍ଥା ବିଗିଡ଼ିବା କାରଣରୁ ସ୍ଥାନୀୟ ମେଡ଼ିକାଲରେ ଭର୍ତି କରାଯାଇଥିଲା । ଏଠାରେ ଡାକ୍ତର ରଞ୍ଜିତା ଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।ଘଟଣା ନେଇ ପୋଲିସ ନିଜ ପକ୍ଷରୁ ଥାନା କେସ ନଂ ୨୬ / ୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ଆସିକା ମେଡିକାଲ ଅଧିନ ବ୍ୟବଚ୍ଛେଦ ଗୃହ ରେ ଶବ ବ୍ୟବଚ୍ଛେଦ କରାଯାଇଛି ।

## ପାରାଦୀପ ବନ୍ଦରକୁ ୧୧ତମ ସମୁଦ୍ର ମନ୍ଥନ ପୁରସ୍କାର

ପାରାଦୀପ(ମହାଭାରତ): ଭାରତ ବର୍ଷରେ ପଣ୍ୟ କାରବାର କ୍ଷେତ୍ରରେ ଏକ ନମ୍ବର ସ୍ଥାନ ଅଧିକାର କରି ଆସୁଥିବା ପାରାଦୀପ ବନ୍ଦରକୁ ଚଳିତ ବର୍ଷ ପାଇଁ ୧୧ତମ ଆର୍ନ୍ତଜାତୀୟ ସମୁଦ୍ର ମନ୍ଥନ ପୁରସ୍କାର ପ୍ରଦାନ କରାଯାଇଛି । ରବିବାର ଦିନ ମୁମ୍ବାଇସ୍ଥିତ ଜିଓ ଓାଲର୍ଡ କନଭେନସନ୍ ସେ□ର, ବିକେସି ଠାରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପାରାଦୀପ ବନ୍ଦରକୁ ପୂର୍ବ ଭାରତର ଶ୍ରେଷ୍ଠ ବନ୍ଦର ଭାବେ ବିଚାରକମାନେ ବିବେଚନା କରିଛନ୍ତି । ମୁମ୍ବାଇଠାରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ




ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି । ପାରାଦୀପ ବନ୍ଦର ଟିମ୍‌ର ଅବଦାନକୁ ସମସ୍ତ ଶ୍ରେୟ ଦେଇଛନ୍ତି । ସେମାନଙ୍କ ନିଷ୍ଠାପର କାର୍ଯ୍ୟ, କଠିନ ପରିଶ୍ରମ ଯୋଗୁଁ ପାରାଦୀପ ବନ୍ଦର ଏହି ପୁରସ୍କାରର ହକଦାର୍ ହୋଇଛି । ଆଗାମୀ ଦିନରେ ପାରାଦୀପ ବନ୍ଦର ତାର ଶ୍ରେଷ୍ଠତ୍ୱ ବଜାୟ ରଖିବା ପାଇଁ ଏହି ପୁରସ୍କାର ପ୍ରେରଣା ଦେବ ବୋଲି କହିଛନ୍ତି ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ । ଆଗାମୀ ମାସରେ ପଣ୍ୟ କାରବାର କ୍ଷେତ୍ରରେ ୧୦୦ଏମଏମଟି ପଣ୍ୟ କାରବାର କରିବାର ଲକ୍ଷ୍ୟ ଅତିକ୍ରମ କରିବ । ଚଳିତ ଆର୍ଥିକ ବର୍ଷର ଧାର୍ଯ୍ୟ ସମୟ ପୂର୍ବରୁ ଏହି ଲକ୍ଷ୍ୟ ହାସଲ ହେବା ସହିତ ଭିତ୍ତିଭୂମିର ବିକାଶ,ପଣ୍ୟ କାରବାର କ୍ଷମତା ବୃଦ୍ଧି ଦିଗରେ ପାରାଦୀପ ବନ୍ଦର କ□ୃପକ୍ଷ ଉଦ୍ୟମ ଜାରୀ ରଖିଛନ୍ତି ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଛନ୍ତି ।

## ଦେବଗଡ଼ କୁରୁଡ କୁଟ ପର୍ଯ୍ୟଟନ ସ୍ଥଳ ରେ ସଫେଇ

ଦେବଗଡ଼(ମହା ଭାରତ) ଆଜି ପର୍ଯ୍ୟଟନ ସ୍ଥଳୀ କୁରୁଡ଼କୁଟ ଠାରେ ଦେବଗଡ ମହାବିଦ୍ୟାଳୟର ଏନଏସଏସ ସେ୍ୱଚ୍ଛାସେବୀଙ୍କ ଦ୍ୱାରା ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲା ମାନଙ୍କୁ ଉତ୍ସାହିତ କରିବା ସହିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶଙ୍କ ତତ୍ୱାବଧାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପଦାର୍ଥ ବିଜ୍ଞାନ ବିଭାଗ ର ମୁଖ୍ୟ ବିକ୍ରମ କେଶରୀ ନାୟକ ମଧ ସାମିଲ ହୋଇଥିଲେ । ସ୍ୱଚ୍ଛତା କାର୍ଯ୍ୟକ୍ରମ ଅବସରରେ କୁରୁଡକୋଟ ଜଳପ୍ରପାତର ବିଭିନ୍ନ ସ୍ଥାନରେ ପଡିଥିବା ପ୍ଲାଷ୍ଟିକ, କାଚ ବୋତଲ ଇତ୍ୟାଦି ପରିଷ୍କାର କରିବା ସହିତ ପର୍ଯ୍ୟଟନୀସ୍ଥଳୀକୁ ଆସିଥିବା ପର୍ଯ୍ୟଟକ ମାନଙ୍କୁ ସଚେତନ କରାଇଥିଲେ ।

## ଆସନ୍ତା ଡିସେମ୍ବର ୮ରୁ ପଦ୍ମପୁର ବ୍ଲକର ଅକ୍ଷରବ୍ରହ୍ମ ମନ୍ଦିରରୁ ଶୁଭାରମ୍ଭ ଚଇତି ୨୦୨୪ -ଜିଲ୍ଲାପାଳ

ରାୟଗଡ:(ମହାଭାରତ): ରାୟଗଡ ଜିଲ୍ଲାସ୍ତରୀୟ ଲୋକମହୋତ୍ସବ ଚଇତି -୨୦୨୪ ପାଳନ ନିମନ୍ତେ ପ୍ରସ୍ତୁତି ଜିଲ୍ଲାସଂସ୍କୃତି ପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲାପାଳ ରାୟଗଡ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତକ୍ଷରେ ସ୍ଥାନୀୟ ବିଜୁ ପଟନାୟକ ଆଡିଟରିୟମ ନିଷ୍ପତ୍ତି ହୋଇଥିଲା । ଜିଲ୍ଲାସ୍ତରୀୟ ଚଇତି ଆସନ୍ତା ଡିସେମ୍ବର ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ୨୬ତାରିଖରୁ ୩୦ତାରିଖ ଯାଏଁ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୫ଦିନ ଧରି ଅନୁଷ୍ଠିତ ହେବ । ଏହା ପୂର୍ବରୁ ସ୍ଥାନୀୟ ପଦ୍ମପୁର ବ୍ଲକ ଅନ୍ତର୍ଗତ ମରିଚଗୁଡ ଅକ୍ଷର ବ୍ରହ୍ମ ମନ୍ଦିରରୁ ଆସନ୍ତା ଡିସେମ୍ବର ୮ତାରିଖରେ ଶୁଭାରମ୍ଭ ହେବ । ଏହାପରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ବ୍ଲକସ୍ତରୀୟ ଚଇତି ଅନୁଷ୍ଠିତ ହେବ ଚଇତିର ଉପଦେଷ୍ଟା ମଣ୍ଡଳୀ ବୈଠକର ନିଷ୍ପତି ପ୍ରକାରେ ବିଭିନ୍ନ ଉପସମିତି ମାନ ଗଠନ କରାଯାଇଛି ।ପ୍ରତ୍ୟେକ ଉପାସମିତିର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ମାନେ ପୃଥକ ପୃଥକ ଭାବରେ ଆସନ୍ତା ୨୬ତାରିଖରୁ ୩୦ତାରିଖ ମଧ୍ୟରେ ବୈଠକ ଡାକି ସଦସ୍ୟତା ଗ୍ରହଣ କରିବେ ଏବଂ ଓ ବଜେଟ ପ୍ରସ୍ତୁତ କରିବେ । ବ୍ଲକ ସ୍ତରୀୟ ଉତ୍ସବ ପରେ ଉପଖଣ୍ଡ ସ୍ତରୀୟ ଲୋକାଉତ୍ସବ ଇଡ଼ିତାଲ ଚଇତି -୨୦୨୪ ଅନୁଷ୍ଠିତ ହେବ । ଏଥିନିମନ୍ତେ ଉପଜିଲ୍ଲାପାଳ ଗୁଣପୁରଙ୍କ ନେତୃତ୍ୱରେ କମିଟି ଗଠନ କରାଯିବ ବୋଲି ଜିଲ୍ଲାପାଳ ତଥା ଜିଲ୍ଲାସଂସ୍କୃତି ପରିଷଦର ଅଧ୍ୟକ୍ଷ ଜଣାଇଛନ୍ତି ।

## ଉଦଳା ବ୍ଲକସ୍ତରୀୟ ବିଜ୍ଞାନ ମେଳା

ଉଦଳା ( ମହାଭାରତ ) – ଉଦଳା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଉଦଳା ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଉଦଯାପିତ ହୋଇଯାଇଛି । ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ନିତିଶ କୁମାର ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ବିଜ୍ଞାନ ମେଳାର ସଂପାଦକ ଭାବରେ ଉଦଳା ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁଜା ମାଧୁରୀ ଦାସ, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଶିକ୍ଷକ ସଙ୍ଗଠନର ସଭାପତି ଆରତ ପରିଡା, ଉଦଳା ଏନଏସିର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଏବିଇଓ ମିନତୀ ମଞ୍ଜରୀ ପଣ୍ଡା ଓ ଉଦଳା ବ୍ଲକ ବିଜ୍ଞାନ ପରିଦର୍ଶକ ଦୀପକ କୁମାର ପୃଷ୍ଟି ମହୋଦୟ ଉପସ୍ଥିତ ଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସହକାରୀ ପ୍ରାଧ୍ୟାପକ ଡ. ଦୋଳଗୋବିନ୍ଦ ଦେ, ସମ୍ମାନିତ ଅତିଥି ଭାବେ ଅନୁଜା ମାଧୁରୀ ଦାସ, ମିନତୀ ପଣ୍ଡା ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ବିଜ୍ଞାନ ବିନା ସମାଜ, ଦେଶ ଓ ଜାତିର ଉନ୍ନତି ଅସମ୍ଭବ ବୋଲି ପ୍ରକାଶ କରି ଏହି କୁନି କୁନି ବୈଜ୍ଞାନିକଗଣ ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ହୋଇ ବିକାଶର ଧାରାରେ ସାମିଲ ହୁଅନ୍ତୁ ବୋଲି ଅତିଥିମାନେ କହିଥିଲେ । ୧୨ ଗୋଟି କ୍ଲଷ୍ଟର ଅଧିନରେ ଥିବା ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ବିଜ୍ଞାନ ସଂପର୍କିତ ମୋ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ଆୟୋଜିତ କୁଇଜ୍, ରଙ୍ଗୋଲି ଓ ଡିବେଟ୍ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ତପନ କୁମାର ମହାନ୍ତ ଓ ସିଆରସିସି ଆଦ୍ୟାଶା ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତା ପାଇଁ ରସାନନ୍ଦ ବେହେରା, ଜୟନ୍ତ କୁମାର ଛାଟିଆ, ମନୋରଞ୍ଜନ ବେହେରା, ସନ୍ଧ୍ୟାରାଣୀ ସାହୁ, ମନୋଜ କୁମାର ପାତ୍ର, ଜିଜ୍ଞାସୁରଞ୍ଜନ ସାହୁ, ବିଜୟ କୁମାର ବେହେରା ଜଜ ଭାବରେ ଦାୟିତ୍ୱ ତୁଲାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉଦଳା ବ୍ଲକର ସମସ୍ତ ସିଆରସିସି, ପ୍ରଧାନଶିକ୍ଷକଙ୍କ ସମେତ ଗାଇଡ୍ ଶିକ୍ଷକ ସହଯୋଗ କରିଥିଲେ ।

## ସତ୍ୟସାଇ ବାବା ଙ୍କ, ୯୯ତମ ଜନ୍ମ ଜୟନ୍ତୀ ପାଳିତ

ଯୋଡ଼ା, (ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ସ୍ଥିତ ଶ୍ରୀ ସତ୍ୟସାଇ ବାବା ଙ୍କ ୯୯ ଜନ୍ମ ଜୟନ୍ତୀ ସାଇ ମନ୍ଦିର, ଯୋଡ଼ା ପରିସର ରେ ମହା ଆଡମ୍ବର ସହକାରେ ପାଳିତ ହୋଇ ଯାଇଛି। ଶନିବାର ପ୍ରାତଃ ୫. ୩୦ ଘଟିକା ରେ ଓମ କାରମ, ସୁପ୍ରଭାତ ଓ ନଗର ସଂକୀର୍ତ୍ତନ କରାଯାଇ ବାବାଙ୍କ ଷୋଡଶ ଉପଚାର ପୂଜାସହ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା। ବାଳ ବିକାଶ ପିଲା ମାନଙ୍କ ଦ୍ୱାରା ଭଗବାନ ବାବା ଙ୍କ ପାଦ ପଦ୍ମ ରେ ଫୁଲ ଅର୍ପଣ କରାଯିବା ସହିତ ଭଜନ କରାଯିବା ସହ ନାରାୟଣ ସେବା କରାଯାଇଥିଲା। ସନ୍ଧ୍ୟା ସମୟରେ ମହିଳା ମାନଙ୍କ ଦ୍ୱାରା ୯୯ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସନ୍ଧ୍ୟା କାର୍ଯ୍ୟକ୍ରମ ଚାଲୁ ରହିଥିଲାୟ ବେଦ ପାଠ, ସ୍ତୋତ୍ର ଓ ଭକ୍ତି ସଂଗୀତ ପରେ ପରେ ଅବତାର ସାଇ ଙ୍କ ଦିବ୍ୟ ଲୀଳା ଉପରେ ଜିଲ୍ଲା ଆଧ୍ୟାତ୍ମିକ ସଂଯୋଜକ ଭାଇ ପ୍ରମୋଦ କୁମାର ଦାଶ ଙ୍କ ପ୍ରବଚନ ଉପସ୍ଥିତ ଶ୍ରୋତା ମାନଙ୍କ ମନକୁ ଭଗବାନ ଆଡକୁ ଆକୃଷ୍ଟ କରି ପାରିଥିଲ। ବାଳ ବିକାଶ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମହିଳା ମାନଙ୍କ ଦ୍ୱାରା ପରିବେଷିତ ଜନ୍ମଦିନ ସଂଗୀତ ପରିବେଷଣ ଦ୍ୱାରା ମନ୍ଦିରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପବିତ୍ର ଜନ୍ମ ଜୟନ୍ତୀ ଅବସରରେ ଦୁଃଖୀ ଦରିଦ୍ର ମାନଙ୍କୁ ଅମୃତ କଳସ, ବସ୍ତ୍ର ବ□ନ କରାଯିବା ସହ ଜନ୍ମଦିନ ଲଡ୍ଡୁ ମଧ ବ□ନ କରାଯାଇଥିଲା। ଏହି ଜନ୍ମ ଜୟନ୍ତୀ ଉପଲକ୍ଷେ ଅଖଣ୍ଡ ଭଜନ, ମହିଳା ମାନଙ୍କ ଦ୍ୱାରା ଶକ୍ତି ସ୍ୱରୂପିଣୀ ଦିବସ, ବାଳବିକାଶ, ଯୁବକ ମାନଙ୍କ ଦ୍ୱାରା ଯୁବ ଦିବସ, ଭଗବାନ ବାବା ଙ୍କ ଜ୍ୟୋତି ଯାତ୍ରା, ସ୍ୱଚ୍ଛତ ରୁ ଦିବ୍ୟତ୍ୱ, ଗ୍ରାମ୍ୟ ସେବା ଆଦି ବିଭିନ୍ନ କାର୍ଯ୍ୟକ୍ରମ କୁ ସମିତି ର ଆବାହକ ଶ୍ରୀଯୁକ୍ତ ହେମନ୍ତ କୁମାର ମହାନ୍ତି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ସମ୍ପାଦିତ କରାଯାଇଥିଲା। ସମିତି ର ଯୁବ ବର୍ଗ, ମହିଳା ବର୍ଗ ମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ଦ୍ୱାରା ଜନ୍ମ ଦିବସ କୁ ଆନନ୍ଦ ଉଦ୍ଦୀପନା ସହକାରେ ପାଳିତ କରା ଯାଇଥିଲା। ଦିବା ଓ ରାତ୍ରି ରେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ର ମଧ ବ୍ୟବସ୍ଥା କରାଯାଇଥିଲା। ସାନ୍ଧ୍ୟ କାର୍ଯ୍ୟକ୍ରମ ପରେ ପରେ କୃତି ବାଳ ବିକାଶ ପିଲା ମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯିବା ପରେ ଭଗବାନ ବାବା ଙ୍କୁ ଆରତୀ ପ୍ରଦାନ କରାଯାଇଥିଲାୟ ସମିତି ର ଭାଇ ଭଉଣୀ ଦୁର୍ଯ୍ୟୋଧନ ପାଗଳ, ପ୍ରମୋଦ ଦାଶ, ଦୀନବନ୍ଧୁ ପତି, ଅମୂଲ୍ୟ ସ୍ୱାଇଁ, ମାନସ ନାୟକ, କାଳନ୍ଦୀ ସାହୁ, ଆଲୋକ ଦାସ, ସବିତା ପାଗଳ, ସରୋଜିନୀ ଶତପଥୀ, ବିଥିକା ପଣ୍ଡା, ସୁଇଟି ସାହୁ, ରୀନାରାଣୀ ସାହୁ, ଶୁଭଲକ୍ଷ୍ମୀ ପାଗଳ, ପୂଜାରାଣୀ ସାହୁ, ଦୁଲାଳି ଦାସ, ଜାନକୀ ଦାସ ଜନ୍ମ ଜୟନ୍ତୀ ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ବାସ୍ତବିକ୍ ଯୁଗ ପ୍ରବର୍ତ୍ତକ ଥିଲେ ନବକୃଷ୍ଣ ଚୌଧୁରୀ

ବେଗୁନିଆ,୨୩।୧୧(ମହାଭାରତ): ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୩ ତମ ଜନ୍ମ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ସଂସଦର ଉପ ସଭାପତି ସୁଧାକର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଆଦର୍ଶ କ୍ଲବ ସଭାଗୃହ ପରିସରରେ ଅନୁଷ୍ଠିତ ସଭାରେ ' ନବକୃଷ୍ଣ ଚୌଧୁରୀ, ଆଧୁନିକ ଓଡିଶାର ସ୍ଥପତି ' ଶୀର୍ଷକ ଆଲୋଚନା ଚକ୍ର ହୋଇଥିଲା ।ପ୍ରାରମ୍ଭରେ ଗାୟକ ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ ସହ ନବକୃଷ୍ଣଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱର୍ଗତ ଚୌଧୁରୀଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଏଥିରେ ବିଶିଷ୍ଟ ନାଟ୍ୟକାର ଡ.ବନବିହାରୀ ମହାପାତ୍ର ମୁଖ୍ୟ ଅତିଥି ଓ ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସ୍ୱାଧୀନତା ଆନ୍ଦୋଳନର ମୂଲ୍ୟବୋଧ ଓ ସ୍ୱାଧିନତା ପରର ଭାରତ ବର୍ଷର ସ୍ଥିତି ଉପରେ ଆଲୋଚନା କରିଥିଲେୟ ସ୍ୱାଧୀନତା ସଂଗ୍ରାମୀ ଓ ସମାଜବାଦୀ ଚିନ୍ତନ ନବକୃଷ୍ଣ ବାସ୍ତବିକ୍ ଜଣେ ଯୁଗ ପ୍ରବର୍ତ୍ତକ ଥିଲେ। ସ୍ୱାଧୀନତା ସଂଗ୍ରାମ ଓ ଗଡଜାତ ଆନ୍ଦୋଳନରେ ତାଙ୍କର ପ୍ରମୁଖ ଭୂମିକା ସ୍ମରଣୀୟ ହୋଇ ରହିଛି ବୋଲି ମତବ୍ୟକ୍ତ କରିଥିଲେ ।ଆଲୋଚନା ଚକ୍ରରେ ଶିକ୍ଷାବିତ ଶରତ କୁମାର ପଣ୍ଡା , ଗାୟକ ପ୍ରଦୀପ କୁମାର ତ୍ରିପାଠୀ, ଲକ୍ଷ୍ମୀଧର ମହାରଣା , ମାନସୀ ଦାସ,ଭାଗବତ ମହାପାତ୍ର, ଯୋଗିନାଥ ମହାପାତ୍ର , ବିଜୟ ମହାନ୍ତି, କୈଳାସ ଚନ୍ଦ୍ର ସାହୁ , ରାଜକିଶୋର ସାହୁ ଓ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ସମେତ ବହୁ ଜନସାଧାରଣ ଅଂଶଗ୍ରହଣ କରିଥିଲେ ।ଶେଷରେ ସାମାଜିକ କର୍ମୀ ଶ୍ରୀନିବାସ ବାଘସିଂହ ଉଦଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦଳା ଠାରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଯାପିତ

ଉଦଳା (ମହାଭାରତ )– ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତକରଣ ବିଭାଗ ତରଫରୁ କପ୍ତିପଦା ଉପଖଣ୍ଡସ୍ଥ ଉଦଳା ହାଇସ୍କୁଲ ପଡ଼ିଆ ଠାରେ ୩ ଦିନ ଧରି ଆୟୋଜିତ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଶୁକ୍ରବାର ଉଦ୍ୟାପିତ ହୋଇଯାଇଛି । ଆଜିର ଉଦ୍ୟାପନୀ କାର୍ଯ୍ୟକ୍ରମରେ ସର୍ବପ୍ରଥମେ ଦିବା ୯ ଘଟିକାରୁ ଉପସ୍ଥିତ କୃଷକ ମାନଙ୍କର ପଞ୍ଜିକରଣ କରାଯାଇଥିଲା । ଉପସ୍ଥିତ ଚାଷୀ ଭାଇ ଭଉଣୀ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ନେଇ କୃଷକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏଥିରେ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଉଦଳା ଡ଼ାକ୍ତର ଐଶ୍ୱର୍ଯ୍ୟା ସାମଲ ଏବଂ ସହକାରୀ ମତ୍ସ୍ୟ ଅଧିକାରୀ ଉଦଳା ସନ୍ଦୀପ ଶୋଭନ ବେହେରାଙ୍କ ଦ୍ୱାରା କୃଷି ଓ ଆନୁସଙ୍ଗିକ କୃଷି ସମ୍ବନ୍ଧୀୟ ସଚେତନତା ସହିତ ତାଲିମ ପ୍ରଦାନ କରାଯାଇଥିଲା । ତାଲିମ କାର୍ଯ୍ୟ ପରିସମାପ୍ତି ପରେ ଉଦ୍ୟାପନୀ ଉତ୍ସବର ଆୟୋଜନ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମୟୂରଭଞ୍ଜ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ ଏବଂ ଅନ୍ୟାନ୍ୟ ଅତିଥି ବିଭିନ୍ନ ଷ୍ଟଲ ପରିଦର୍ଶନ କରି ଉଦ୍ୟାପନୀ ସଭାରେ ଯୋଗଦେଇଥିଲେ । କୃଷି ବିଭାଗୀୟ କର୍ମଚାରୀ ଶ୍ରୀୟା ସ୍ମିତା ଦାସ ଏବଂ ସତ୍ୟବ୍ରତ ଘଡ଼ାଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ପୂର୍ବକ ଉ□ରୀୟ ଓ ବ୍ୟାଚ୍ ପରିଧାନ ପରେ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଧୂପ, ସୁମନ ଏବଂ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା



। ସଭାକାର୍ଯ୍ୟ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇଥିଲା । ନିର୍ବାହୀ ଯନ୍ତ୍ରୀ (କୃଷି) ମୟୂରଭଞ୍ଜ, ଶ୍ରୀନିବାସ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଆଜିର ଉଦ୍ୟାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢେଇ , ମୁଖ୍ୟବକ୍ତା ଭାବେ ଉଦଳା ଏନ୍.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ. ନରେନ୍ଦ୍ର ଖମାରୀ, ସମ୍ମାନିତ ଅତିଥି ଭାବେ ଖୁ□। ବ୍ଲକ୍ ଅଧ୍ୟକ୍ଷ ସୁଧନ୍ୟା ନାୟକ, ଜୋନ ନଂ୨ ର ଜିଲ୍ଲା ପରିଷଦ ସଦସ୍ୟା ଲଳିତା ବିଶୋଇ, ପ୍ରାକ୍ତନ କୃଷି ଜିଲ୍ଲା ଅଧିକାରୀ ଜୟନ୍ତ କୁମାର ରାଉତ ତଥା କୃଷି ଜିଲ୍ଲା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇ କୃଷି ଓ ଆନୁଷଙ୍ଗିକ କୃଷି ତଥା ଚାଷୀ ଭାଇ ଭଉଣୀ ମାନଙ୍କ ଉନ୍ନତି ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଗୁଡ଼ିକ ଉପରେ ସମ୍ୟକ ବକ୍ତବ୍ୟ ରଖି ଚାଷୀ ମାନେ ଏ ଦିଗରେ ସଚେତନ ହୋଇ ସମସ୍ତ ସୁବିଧା ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ ।ଶେଷ ଉଦ୍ୟାପନୀ ଦିବସରେ ଚାଷୀ ଭାଇ ଭଉଣୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମୋଟ ୧୫ ଜଣଙ୍କ ତରଫରୁ ସମୁଦାୟ ୨୧,୧୦,୦୦୧ ଲକ୍ଷ ଟଙ୍କାର କୃଷି ଓ ଆନୁଷଙ୍ଗିକ କୃଷି ଯନ୍ତ୍ରପାତି ବୁକିଂ କରାଯାଇଥିବାର ସୂଚନା ମିଳିଛି । ୩ ଦିନ ଧରି ଆୟୋଜିତ ଉକ୍ତ କୃଷି ଯନ୍ତ୍ରପାତି ମେଳାରେ ସର୍ବମୋଟ ୬୧ଜଣ ଚାଷୀ ୬୭,୮୯,୯୧୩ ଟଙ୍କାର କୃଷି ଓ ଆନୁଷଙ୍ଗିକ କୃଷି ଯନ୍ତ୍ରପାତି ବୁକିଂ କରିଥିବାବେଳେ ମୋଟ ୩୦,୨୭,୪୮୦ ଟଙ୍କାର ରିହାତି ପ୍ରଦାନ କରାଯାଇଥିବାର ମ□ରେ ଘୋଷଣା କରାଯିବା ସହିତ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ସେମାନଙ୍କୁ ଚାବି ହସ୍ତାନ୍ତର କରାଯିବା ସହିତ ଦ୍ୱିତୀୟ ଦିବସ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବେଷଣ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ପ୍ରଦର୍ଶନୀ ଷ୍ଟଲରେ ବିଭିନ୍ନ ଯନ୍ତ୍ରପାତି ପ୍ରଦର୍ଶିତ କରିଥିବା ଅଧିକୃତ ବିକ୍ରେତା (ଡ଼ିଲର) ମାନଙ୍କ ନାମ ଘୋଷଣା କରାଯାଇ ସେମାନଙ୍କର ପ୍ରମାଣ ପତ୍ର ନିଜ ନିଜର ପ୍ରଦର୍ଶନୀ ଷ୍ଟଲରେ ପ୍ରଦାନ କରାଯାଇଥିଲା । ଗୋଷ୍ଠୀ କୃଷି ଅଧିକାରୀ ଗୋପବନ୍ଧୁନଗର ତ୍ରିଲୋଚନ ରାଉତଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ପରେ ସଭାସାଙ୍ଗ କରାଯାଇ ଉପସ୍ଥିତ ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ନିମନ୍ତ୍ରଣ କରାଯାଇଥିଲା ।

## ପ୍ରକାଶ ତ୍ରିପାଠୀ ଙ୍କ ସଂଘରେ ସାମିଲ ହେଲେ ପିପିଏଲର ୭ ଶହରୁ ଉର୍ଦ୍ଧ୍ୱ ଶ୍ରମିକ

ପାରାଦୀପ(ମହାଭାରତ): ପିପିଏଲ ସାର କାରଖାନାରେ କାର୍ଯ୍ୟ କରୁଥିବା ୭ ଶହ ରୁ ଉର୍ଦ୍ଧ ଠିକା ଶ୍ରମିକ ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଂଘରେ ସାମିଲ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ପିପିଏଲ ହନୁମାନ ମନ୍ଦିର ନିକଟସ୍ଥ ପଡିଆରେ ଆୟୋଜିତ ଏକ ଶ୍ରମିକ ସାଧାରଣ ସଭାରେ ଚର୍ଚ୍ଚିତ ଶ୍ରମିକ ନେତା ତଥା ପୂର୍ବ ଉପକୂଳ ଶ୍ରମିକ ସଙ୍ଘ ର ସଭାପତି ପ୍ରକାଶ ତ୍ରିପାଠୀ ଯୋଗଦେଇ ଶ୍ରମିକ ମାନଙ୍କ ବହୁବିଧ ସମସ୍ୟା ଉପରେ ଆଲୋକପାତ କରି ଏହାର ଆସୁ ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ । ସଭା ପ୍ରାରମ୍ଭରେ ପିପିଏଲ ରେଳ ଫାଟକ ନିକଟରୁ ଏକ ବିରାଟ ମଟର ସାଇକେଲ ଶୋଭାଯାତ୍ରା ରେ ଶ୍ରମିକ ନେତା ଶ୍ରୀ ତ୍ରିପାଠୀ ଙ୍କୁ ସଂଘର କର୍ମକର୍ତ୍ତା ଓ



ସଦସ୍ୟ ମାନେ ସଭା ସ୍ଥଳ ନିକଟକୁ ପାଛୋଟି ନେଇଥିଲେ । ଏହି ସଭା କାର୍ଯ୍ୟକୁ ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା ପରିଚାଳନା କରିଥିବା ବେଳେ ସଂଘର ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂ, ସଂଘର କାର୍ଯ୍ୟକାରୀ ସଭାପତି ସୁବ୍ରତ ପ୍ରଧାନ, ସହ ସମ୍ପାଦକ ରତ୍ନାକର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରମିକ ଙ୍କ ମୌଳିକ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ନିଜର ବକ୍ତବ୍ୟ ରଖିବା ସହିତ ସମସ୍ତ ଶ୍ରମିକଙ୍କୁ ଧର୍ଯ୍ୟ, ଶୃଙ୍ଖଳିତ ରହିବାର ଗୁରୁମନ୍ତ୍ର ଦେଇଥିଲେ । ଏହି ସମାବେଶରେ ବହୁ ଶ୍ରମିକ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରକାଶ ତ୍ରିପାଠୀ କହିଥିଲେ ଯେ ପିପିଏଲ ର ଶ୍ରମିକ ମାନେ ସବୁବେଳେ ସଙ୍ଘ ଓ ନେତା ବାରମ୍ବାର ବଦଳାଉଥିବାରୁ ପିପିଏଲ ରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ଉନ୍ନତି ହୋଇପାରୁନାହିଁ ।ଯାହାକି ଇଫକୋ ସରଖାନାର ଶ୍ରମିକ ମାନେ ଆରମ୍ଭରୁ ଗୋଟିଏ ୟୁନିୟନ ରେ ରହି ୬୫ ହଜାର ଟଙ୍କା ଦରମା ପାଉଥିଲା ବେଳେ ସମାନ କାମ କରି ପିପିଏଲ ଶ୍ରମିକଟି ୨୦ ହଜାର ଟଙ୍କା ପାଇପାରୁନାହିଁ । ଏଥିପାଇଁ ଶ୍ରୀ ତ୍ରିପାଠୀ ପିପିଏଲ ର ସମସ୍ତ ଶ୍ରମିକ ମାନଙ୍କୁ ଦାୟୀ କରିବା ସହିତ ଆଗାମୀ ଦିନରେ ସମସ୍ତ ପିପିଏଲ ର ଶ୍ରମିକ ମାନଙ୍କୁ ଏକଜୁଟ ହୋଇ ଗୋଟିଏ ଶ୍ରମିକ ସଙ୍ଘ ରେ ରହିଲେ ଆଗାମୀ ୫ ବର୍ଷ ଭିତରେ ଶ୍ରମିକ ଙ୍କ ଭାଗ୍ୟ ନିଶ୍ଚିତ ବଦଳିଯିବ ବୋଲି ଶ୍ରମିକ ମାନଙ୍କୁ ଆହ୍ୱାନ ଦେଇଥିଲେ ।

## ସମଲ ହାଇସ୍କୁଲ ଛକ ବସ ଷ୍ଟାଣ୍ଡ ରାସ୍ତା ଦେଇ ଲକ୍ଷ୍ମୀବସ ଚାଲୁ ଲୋକଙ୍କ ଦାବି

କଣିହାଁ (ମହାଭାରତ )ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ କଣିହାଁରୁ ଗ୍ରାମା□ଳକୁ ଯୋଗାଯୋଗ କରୁଥିବା ଲକ୍ଷ୍ମୀବସ ସେବା ସମଲ ପଞ୍ଚାୟତ ବାସିଙ୍କ ପାଇଁ ଲକ୍ଷ୍ମୀବସ ସେବା ସାତସପନ ହୋଇଯାଇଛି । କଣିହାଁ ବ୍ଲକରୁ ବାହାରି କଣିହାଁ, ବିଜିଗୋଳ,ସମଲ, କୁଲେଇ,ପରାବିଲ, କର୍ଣ୍ଣପାଳ, ଅର୍କିଳୀ, ଗଣ୍ଡମଳା,ଦେଇ ରେଙ୍ଗାଲିକୁ ଲକ୍ଷ୍ମୀବସ ସେବା ଜାରି ରହିଛି। ଲୋକ ମାନେ ଗ୍ରାମା□ଳରୁ ବ୍ଲକ କୁ କିପରି ଭାବରେ ଯୋଗାଯୋଗ କରିବା ନିମନ୍ତେ ଏହା ଏକ ସୁନ୍ଦର ବ୍ୟବସ୍ଥା ହୋଇଥିଲା । କମ୍ ପଇସାରେ ମଧ ଲୋକମାନେ ସୁବିଧାରେ ଯିବା ଆସିବା କରିବାପାଇଁ ସୁବିଧା ରହିଛି। କିନ୍ତୁ ଯାତ୍ରୀ ବିଶ୍ରାମ ନିମନ୍ତେ ସବୁ ପଞ୍ଚାୟତର ରାସ୍ତା କଡ଼ରେ ଲକ୍ଷ ଲକ୍ଷ ଟଙ୍କ ଖର୍ଚ୍ଚରେ ସୁନ୍ଦର ବସ ଷ୍ଟାଣ୍ଡ ନିର୍ମାଣ ହୋଇଛି। କିନ୍ତୁ ସମଲ ପଞ୍ଚାୟତର ତିନୋଟି ଗ୍ରାମ ଏହି ବସ ସେବାରୁ ବଞ୍ଚିତ। ଏଥି ପାଇଁ ସ୍ଥାନୀୟ




ସରପଞ୍ଚ ଓ କଣିହାଁ ବ୍ଲକ ଅଧ୍ୟକ୍ଷ, କଣିହାଁ ବ୍ଲକ ଅଧ୍ୟକ୍ଷ ନିଜ ପଞ୍ଚାୟତ ସମଲ ହୋଇଥିବା ବେଳେ ଲକ୍ଷ୍ମୀବସ ସେବାରୁ ସମଲ ପଂଚାୟତ ବାସୀ ଏହି ଏହି ସୁବିଧାରୁ ବାଦ ପଡୁଛନ୍ତି ସାଧାରଣରେ ଚର୍ଚ୍ଚା ହେଉଛି,କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଯାଇ ଥିଲେ ମଧ କିଛି ସୁଫଳ ମିଳୁନାହିଁ। କିଛି ଦିନ ପୂର୍ବରୁ କଣିହାଁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସ୍ଥାନୀୟ ସରପ□, ବ୍ଲକ ଅଧ୍ୟକ୍ଷ, ସ୍ଥାନୀୟ ବିଧାୟକ ଓ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ କର କମଳରେ ନୂତନ ଭାବେ ନିର୍ମାଣ ହୋଇଥିବା ବସ ଷ୍ଟାଣ୍ଡ ଗୁଡ଼ିକୁ ଲୋକ ମାନକର ଉଦ୍ଦେଶ୍ୟରେ ଲୋକାର୍ପଣ କରାଗଲା କିନ୍ତୁ ଦୁଃଖର ବିଷୟ ଏହି ବସ ଷ୍ଟାଣ୍ଡ ଦେଇ ଲକ୍ଷ୍ମୀ ବସ ଗୁଡ଼ିକ ଯିବା ଆସିବା କରୁ ନାହାନ୍ତି। ଯାହା ଫଳରେ ସମଲ ପଞ୍ଚାୟତ ର ତିନୋଟି ଗ୍ରାମ ବିଲିଣ୍ଡୟ, ବିକିସର୍,ଓ ସମଲ ଗ୍ରାମ ର ଲୋକ ମାନେ ଏହି ବସ ସେବା ପାଇ ପାରୁ ନାହାଁନ୍ତି। ସମଲ ହାଇସ୍କୁଲ ଛକ ଠାରୁ ସମଲ ଥାନା ଦେଇ ବସ ବିପରୀତ ରାସ୍ତା ଦେଇ ସମଲ ବ୍ରିଜ ନିକଟରେ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି। କିନ୍ତୁ ସମଲ ହାଇସ୍କୁଲ ଛକ ବସ ଷ୍ଟାଣ୍ଡ ରୁ ବିକିସର ଲକ୍ଷ୍ମୀ ବସ ଷ୍ଟାଣ୍ଡ ଦେଇ ବସ ଚଳାଚଳ ପାଇଁ ଜନସାଧାରଣଙ୍କ ଦାବୀ ହେଉଛି।

## ପାଟଣା ବନାଞ୍ଚଳ ପକ୍ଷରୁ ଜଙ୍ଗଲ ସୁରକ୍ଷା ଓ ଗଜାସାଥୀ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ କାର୍ଯ୍ୟାଳୟ ପରିସରେ ରେ ଜଙ୍ଗଲ ସୁରକ୍ଷା ଓ ଗଜାସାଥି ଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷିଣ ଶିବିର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ କୁ ପାଟଣା ନାଳ ଅଧିକାରୀ ନବିହାରୀ ସର୍ଦାର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ରେ ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂ, ପାଟଣା ବନପାଳ ଅଧିକାରୀ ପିଅନ ନାଏକ,ସାହାରପଡା ବନପାଳ ଅଧିକାରୀ ଭୂପତି ସେଠି, ଖିରେଇଟାଙ୍ଗିରୀ ବନପାଳ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ ଯୋଗଦାନ କରିଛନ୍ତି। ଏଥିରେ ପାଟଣା ବନାଞ୍ଚଳ ଅନ୍ତର୍ଗତ ୩ଟି ବନପାଳ କାର୍ଯ୍ୟାଳୟ ବନ କର୍ମଚାରୀ ଦେବେଜନୀ ମହାନ୍ତ, ରଞ୍ଜିତା ମହାନ୍ତ,ଦୀପକ ରଣା,ତପସିନୀ ନାୟକ,ଡ଼ଲିରଣୀ ସାହୁ,ଲକ୍ଷ୍ମୀପ୍ରିୟା ମହାନ୍ତ । ୩ଟି ବନପାଳ କାର୍ଯ୍ୟାଳୟ ରୁ ୭୦ ଗଜସାଥୀ ମାନ ଙ୍କୁ ହାତୀ ଘୋଡାଇବା,ଗାଁ କୁ ହାତୀ ଆସିବା ପୂର୍ବ ସୂଚନା ପ୍ରଦାନ କରିବା ଦିଗରେ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯାଇଛି।

## ଭାରସାମ୍ୟ ହରାଇ ବସକୁ ପିଟିଲା ବାଇକ ଦୁଇ ଗୁରୁତର




ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମଙ୍ଗଳପୁର ରାସ୍ତା ନିକଟରେ ଏକ ବାଇକ ସହ ବସ ଧକ୍କା ହୋଇ ଛି ଯ ଫଳରେ ଦୁଇ ଜଣ ଗୁରୁତର ହୋଇ ଛନ୍ତି । ଗୁରୁତର ଦୁଇଜଣ ଆଶିଷ କୁମାର ସାହୁ ପାଣିକୋଇଲି ମାଧପୁର ଓ ଅନ୍ୟ ଜଣେ ବାଗମୟୀ ଶର୍ମା ଭୁବନେଶ୍ୱର ବୋଲି ଜଣାପଡିଛି । ସୂଚନା ରୁ ପ୍ରକାଶ ଗୁରୁତର ଦୁଇଜଣ କୌଣସି ଏକ ମାଇକ୍ରୋଫାଇନ୍ସ ରେ କାର୍ଯ୍ୟରତ ଥିବା ଜଣାପଡି ଛି । ଦୁଇଜଣ ସକାଳୁ ନିଜର କାର୍ଯ୍ୟ ନେଇ ବାହାରି ଥିଲେ । ପୂଜାରାଣୀ ବସ ଟି ଭୁବନେଶ୍ୱର ରୁ ପାଟଣା ଅଭିମୁଖେ ଆସୁଥିବା ବେଳେ ବାଇକ ଟି ପାଟଣା ରୁ ଢେଙ୍କିକୋଟ ଅଭିମୁଖେ ଯାଉଥିବା ବେଳେ ମଙ୍ଗଳପୁର ଢ଼ାବା ନିକଟରେ ଦୃଘଟଣା ଘଟିଛି। ଦୃଘଟଣା ରେ ଗୁରୁତର ଦୁଇଜଣ ଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇ ଥିବା ବେଳେ ଅନ୍ୟ ଜଣେ ମହିଳା ରହିଥିବା ରୁ ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ କର୍ମୀ ଭାବେ କୌଣସି ଜର୍ମୀ ନ ଆସିବାରୁ ଗୁରୁତର ମହିଳା ଜଣକ ୨୦ମିନିଟ ବିଲମ୍ବ ରେ ଆମ୍ବୁଲାନ୍ସ ରୁ ଗୁରୁତର ମହିଳା ନିଆଯାଇ ଥିଲା । ଏଠି ପ୍ରଶ୍ନ ଉଠେ କି ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତି ଅଛନ୍ତି କି ନାହିଁ । ଯଦି ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତି ଅଛନ୍ତି ନିଜର ଆର୍ବନ ପିନ୍ଧି ରୋଗୀ ସେବା କାହିଁକି ଦେଉ ନାହାନ୍ତି । ପ୍ରାଥମିକ ଚିକିତ୍ସା ରେ ଆଶିଷ ଙ୍କ ଡାହାଣ ଗୋଡ଼, ହାତ ରେ ଗଭୀର ଆହତ ଓ ମହିଳା ଜଣକ ବାଗମୟୀ ମୁଣ୍ଡରେ ଆହତ ଲାଗି ଥିବା ରୁ ଦୁହି ଙ୍କୁ ଡାକ୍ତର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରାଯାଇ ଛି । କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି ରେ ଆଶିଷ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟ ହେବାରୁ ତାଙ୍କୁ ଡାକ୍ତର କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତରିତ କରାଯାଇ ଥିବା ସୂଚନା ରହି ଛି । ଏପଟେ ପାଟଣା ପୋଲିସ ଘଟଣାସ୍ଥଳ ରେ ପହଁଞ୍ଚି ବାଇକ,ବସ ଜବତ କରି ଦୃଘଟଣା ର ସଠିକ ତଦନ୍ତ ଚଳାଇଛି।

## ଏନଟିପିସି ଆସପଣ୍ଡ ଷ୍ଟେଜ -୨ରୁ ଚୋରା ପାଇପ ବୋଝେଇ ପିକଅପ ଜବତ, ଅଭିଯୁକ୍ତ ଫେରାର



କଣିହାଁ,(ମହାଭାରତ): କଣିହାଁ ଥାନା ଏନଟିପିସି ଆସପଣ୍ଡ ଷ୍ଟେଜ -୨ ଆସପଣ୍ଡ ପାଖରୁ ଚୋରା ପାଇପ ବୋଝେଇ ପିକଅପ ପୋଲିସ ଜବତ କରିଛି । ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ମାନେ ଫେରାର ହୋଇଯାଇଛନ୍ତି । ପୁଲିସ ସୂତ୍ରରୁ ପ୍ରକାଶ ଯେ,ଏନଟିପିସି ଆସପଣ୍ଡରୁ ଗୁରୁବାର ରାତିରେ ଏକ ପିକଅପ ୬ ପିସ ଆସ ଲୁହା ପାଇପ ବୋଝେଇ ଗାଡି ଚୋରି କରି ନେଉଥିବା ସମୟରେ ପିକଅପ ଭାରସାମ୍ୟ ହରାଇ ଗାଡି ଓଲଟି ପଡିଥିଲା। ପରେ ଅଭିଯୁକ୍ତ ମାନେ ସେଠାରୁ ଫେରାର ହୋଇଯାଇଥିଲେ । ଖବର ପାଇ କଣିହାଁ ପୁଲିସ ଓ ଏନଟିପିସି ଶିଳ୍ପର ସିଆଏସଫ ଘଟଣା ସ୍ଥଳରେ ପହଞ୍ଚି ଗାଡି ଜବତ କରି କଣିହାଁ ଥାନାରେ ଜିମା ଦେଇଛନ୍ତି । କଣିହାଁ ପୋଲିସ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି ।

## ଉତ୍କଳ ଆଲୁମିନାରେ ଖଣି ନିରାପତ୍ତା ସପ୍ତାହ ପାଳିତ



ନୂଆପଡା(ମହାଭାରତ): ୪୨ତମ ମେଟାଲିଫେରୋସ୍ ମାଇନ୍ସ ସେଫ୍ଟି ୱିକ୍ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡର ବାଫିଲମାଲି ବକ୍ସାଇଟ ଖଣିରେ ୧୧।୧୧।୨୦୨୪ରୁ ୨୩।୧୧।୨୦୨୪ ପର୍ଯ୍ୟନ୍ତ ଭୁବନେଶ୍ୱର ଅଞ୍ଚଳ ଖଣି ନିରାପତ୍ତା ମହାନିର୍ଦ୍ଦେଶାଳୟ ମାର୍ଗଦର୍ଶନରେ ଆୟୋଜିତ ହେଉଛି। 'ଖଣି ନିରାପତ୍ତା ସପ୍ତାହ ଉତ୍ସବ-୨୦୨୪-୨୫'ର ପ୍ରଚାର ଏବଂ ପ୍ରସାର କାର୍ଯ୍ୟକ୍ରମ ମାଇନ୍ସ ହେଡ୍ ଶ୍ରୀ ବିଜୟ କୁମାର ଚୌହାନଙ୍କ ଅଧ୍ୟକ୍ଷତାରେ ୧୮।୧୧।୨୦୨୪ ଦିନ ଉତ୍କଳ ଆଲୁମିନାର ନୂଆପଡା ଟାଉନସିପ୍ କ୍ଲବହାଉସଠାରେ ଆୟୋଜିତ ହୋଇଥିଲା। ଶ୍ରୀ ରବି ନାରାୟଣ ମିଶ୍ର, ୟୁନିଟ ହେଡ୍, ଉତ୍କଳ ଆଲୁମିନା ଏବଂ ଉତ୍କଳ ଆଲୁମିନା ଟିମ୍‌ର ବରିଷ୍ଠ ନେତୃତ୍ୱଙ୍କ ମାର୍ଗଦର୍ଶନରେ ନିରାପତ୍ତା ସପ୍ତାହ ସଫଳତାର ସହିତ ଆୟୋଜିତ ହୋଇଥିଲା। ଓଡ଼ିଶା ନିରାପତ୍ତା କମିଟି ଉତ୍ସବ ପାଳନ କମିଟିର ଟିମ୍ ସଦସ୍ୟଗଣ- ଶ୍ରୀ ଅଜୟ କୁମାର ମିଶ୍ର, ସେଲ୍; ଶ୍ରୀ ମୋହନ ରେଡ୍ଡି, ଏଏମଏନ୍‌ଏସ; ଶ୍ରୀ ସଚିଦାନନ୍ଦ ପଣ୍ଡା, ଓଏମ୍‌ସି ଏବଂ ଶ୍ରୀ ସଇଥଲା ଆପ୍ପାଲାରାଜୁ, ବେଦାଁ ପ୍ରମୁଖ ଖଣିଗୁଡିକରେ ସେମାନଙ୍କ ଅନୁଧ୍ୟାନ ସମୟରେ ବାଫିଲମାଲି ଖଣି ଟିମ୍ ଦ୍ୱାରା ସର୍ବୋଚ୍ଚ ମାନର ନିରାପତ୍ତା ବଜାୟ ରଖିବା ନିମନ୍ତେ ନିଆଯାଉଥିବା ପ୍ରୟାସଗୁଡିକୁ ଉଚ୍ଚ ପ୍ରଶଂସା କରିଥିଲେ। ଖଣି କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଏବଂ ପିଲାମାନଙ୍କୁ ନିରାପତ୍ତା ସମ୍ପର୍କରେ ସଚେତନ କରାଇବା ସକାଶେ ନାଟକ, ର୍‍ୟାମ୍ପ ସୋ', ନୃତ୍ୟ ଆଦି ବହୁବିଧ ନିରାପତ୍ତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଖଣି କର୍ମଚାରୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଅନୁରୂପ ଭାବରେ ଟ୍ରେଡ ଟେଷ୍ଟ, ପୋଷ୍ଟର, ସ୍ଲୋଗାନ, ପ୍ରବନ୍ଧ ଆଦି ବିଭିନ୍ନ ପ୍ରତିଯୋଗିତା ଏହି ନିରାପତ୍ତା ସପ୍ତାହ ପାଳନ ଅବସରରେ ଆୟୋଜନ କରାଯାଇଥିଲା ଏବଂ ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ବାଲିଗୁଡା ସରସ୍ୱତୀ ଶିଶୁ ମନ୍ଦିରର ୩୬ ତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦଯାପିତ

ବାଲିଗୁଡ଼ା(ମହାଭାରତ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ ତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦଯାପିତ ହୋଇଯାଇଛି । ଏହି କ୍ରୀଡ଼ା ମହୋତ୍ସବ ସ୍ଥାନୀୟ ବିଜୁପଟ୍ଟନାୟକ ମିନି ଷ୍ଟାଡିୟମ ଠାରେ ଦୁଇ ଦିନ ଧରି ଚାଲିଥିଲା । ପ୍ରଥମ ଦିବସରେ ଉଦଘାଟନୀ ସମାରୋହରେ ବାଲିଗୁଡ଼ା ଏନଏସି ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡ଼ାର ଶୁଭାରମ୍ଭ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡ଼ାର ମହତ୍ୱ ବିଷୟରେ ଆଲୋକପାତ କରାଇଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୁଧାଂଶୁ ମୋହନ ପତି, ସମ୍ପାଦକ ତୀର୍ଥବାସୀ ଘଡାଇଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳନା ପାଇଁ ମାର୍ଗଦର୍ଶନ କରିଥିଲେ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶିଶିର କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତ□ାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆଚାର୍ଯ୍ୟ ଆଃ ମମତା ମହାରଣା କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ,ଆଚାର୍ଯ୍ୟା ଓ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ । ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ ଦ୍ୱିତୀୟ ଦିନ ଅପରାହ୍ନରେ ଉଦଯାପିତ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିଗୁଡ଼ା ଉପଖଣ୍ଡର ଡେପୁଟି କଲେକ୍ଟର ଧିରଜ କୁମାର ପାତ୍ର ଯୋଗଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧାଂଶୁ ମୋହନ ପତି,ସମ୍ପାଦକ ତୀର୍ଥବାସୀ ଘଡ଼ାଇ ,ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ, ଉପସଭାପତି ଦଣ୍ଡପାଣି ଭୂୟାଁ, କୋଷାଧକ୍ଷ ସୁବାଷ ଚନ୍ଦ୍ର ଦିଗାଳ ଓ ସଦସ୍ୟା ସୋନିଆ ସାହୁ ଉପସ୍ଥିତ ଥିଲେ ।ସଭାକାର୍ଯ୍ୟ ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାୟ ୧୨୦ ଟି ପ୍ରତିଯୋଗିତାରେ ୫୦୦ ଶିଶୁ ଭାଗନେଇଥିଲେ । ସେଥିରେ କୃତିତ୍ୱ ଅର୍ଜନ କରିଥିବା ଶିଶୁମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ କ୍ରୀଡ଼ା ମହୋତ୍ସବର ମଶାଲ ଜ୍ୟୋତି ନିର୍ବାପିତ କରାଯାଇ ରାଷ୍ଟ୍ର ଗିତ ବନ୍ଦେ ମାତରଂ ଗାନ କରି ମହୋତ୍ସବ ସମାପ୍ତ କରାଯାଇଥିଲା ।

## ଧାନ ବିକ୍ରି ନେଇ ସଚେତନତା କାର୍ଯ୍ୟକ୍ରମ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର ବିଭିନ୍ନ ଗ୍ରାମର ଚାଷୀଙ୍କ ଧାନ ବିକ୍ରି ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଗୋଶାଣୀ ବ୍ଲକ ର ଜଙ୍ଗଲପାଡୁ ଗ୍ରାମରେ ସେବା ସମବାୟ ସମିତି ପକ୍ଷରୁ ଚାଷୀଙ୍କ ଧାନ ବିକ୍ରି ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ଆଙ୍କୁଡୁ, ଉ□ରସେଲି, ଇଂଲିଶ ପେଣ୍ଟ,ଜଙ୍ଗଲପାଡୁ ଗ୍ରାମର ବିଭିନ୍ନ ସ୍ଥାନରେ ଚାଷୀମାନଙ୍କୁ ଏକତ୍ରିତ କରି ୨୦୨୪- ୨୦୨୫ ବର୍ଷ ସକାଶେ ଧାନ ମଣ୍ଡିରେ କିପରି ଭାବରେ ଧାନ କିଣାଯିବୟଧାନର ଗୁଣବ□। କ୍ୟୁଣ୍ଟାଲ ପିଛା ପ୍ରକୃତ ମୂଲ୍ୟ ୩୧୦୦ ଟଙ୍କା ଆଦି ସମ୍ପର୍କରେ ସଚେତନତା କରାଯାଇଥିଲାୟ ଏଥିରେ ଜଙ୍ଗଲପାଡୁ ସେବା ସମବାୟ ସମିତିର ସମ୍ପାଦକ ବାବୁଲି ସାମଲ, ଡାଟା ଅପରେଟର ଚିନ୍ତା ଗୋଟିପାଲ୍ଲି, ଖଗେଶ୍ୱର ରାଓ ଓ ସହକାରୀ ଡାଟା ଓପରେଟର ରାଜେନ୍ଦ୍ର ପ୍ରସାଦ ପାତ୍ର ସଚେତନତା କରିଥିଲେ।

## ମଣ୍ଟାପଡା ଗ୍ରାମବାସୀଙ୍କ ଟାଟା ପାୱାର ନୀତିକୁ ବିରୋଧ କଲେ ଗ୍ରାମବାସୀ



ଆସିକା (ମହାଭାରତ): ଆସିକା ବ୍ଲକ ହରିଡ଼ାପଦର ପଞ୍ଚାୟତ ମେଣ୍ଟାପଡା ଗ୍ରାମକୁ ଆସିକା ବିଦ୍ୟୁତ ବିଭାଗ ର ଏନଫୋର୍ସମେଣ୍ଟ ବିଭାଗ ର ୧୧ ଗୋଟି ଟିମ, ଛତ୍ରପୁର ଏବଂ ବ୍ରହ୍ମପୁର ଟାଟା ପାୱାର କର୍ମଚାରୀ କୋଟିନଡ଼ା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହାଙ୍କ ନେତୃତ୍ୱ ରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ଗ୍ରାମ ରେ ପହଂଚି ଥିଲେ । ଗ୍ରାମ ଆରମ୍ଭ ରୁ ଗ୍ରାମବାସୀ ଏକତ୍ରିତ ହୋଇ ଏମାନଙ୍କୁ ଅଟକାଇ ଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରରେ ସ୍ମାର୍ଟ ମିଟର କୁ ବିରୋଧ,ବିଦ୍ୟୁତଭୋକ୍ତା ମାନଙ୍କୁ ବିଦ୍ୟୁତ ସେବା ସଠିକ ରୂପେ ଦେଉନାହାନ୍ତି । ଗ୍ରାମର ଭଙ୍ଗା ବିଦ୍ୟୁତ ଖୁଣ୍ଟ ଗୁଡିକର ମରାମତି , ଗ୍ରାମର ମୁକୁଳା ଟ୍ରାନ୍ସଫରମର କୁ ତରବାଡ଼ ତିଆରି କରିବା, ଗ୍ରାମରେ ଘନ ଘନ ବିଦ୍ୟୁତ କାଟ ହେଉଥିଲେ ମଧ ଟୋଲ ଫ୍ରି କୁ ଫୋନ କଲେ କେହି ଶୁଣୁନାହାନ୍ତି। ଏହିପରି ବିଭିନ୍ନ ଅଭିଯୋଗ କୁ ନେଇ କିଛି ସମୟ ଉଭୟ ଙ୍କ ପକ୍ଷରୁ କଥା କଟା କଟି ପରେ ନିକଟସ୍ଥ ବ୍ରାହ୍ମଣେଶ୍ୱର ଶିବ ମନ୍ଦିର ରେ ଏକ ମିଳିତ ବୈଠକ ଆୟୋଜନ କରିଥିଲେ । ମଣ୍ଟାପଡା ଗ୍ରାମବାସୀ ଙ୍କ ଏହି ଜିଦ ଆଗରେ ବିଦ୍ୟୁତ ବିଭାଗ ହାର ମାନି ଶିଶୁପାଳ ହୋଇ ଗ୍ରାମରୁ ଫେରି ଆସିଛ।

## ବ୍ୟବହୃତ ପୂର୍ବରୁ ଦୁଃସ୍ଥିତିରେ ସ୍ଥିତି ଅଣ୍ଡାଳୁଛି ବିପତ୍ତି ମୁହାଁ ଶ୍ମଶାନ





ଜୁନାଗଡ଼(ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଜୁନାଗଡ଼-ବ୍ରାହ୍ମଣୀଗୁଡା ରାସ୍ତାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରେ ଶ୍ମଶାନ ତିଆରି ହୋଇଛି। ଏହି ଶ୍ମଶାନ ପରିସରରେ ଦୁଇଟି ଶବଦାହ ପିଣ୍ଡି,ଗୋଟିଏ ବିଶ୍ରାମ ଗୃହ, ଏକ ଖୋଲା ପିଣ୍ଡି, ଶୌଚାଳୟ, ନଳକୂପ, ଚାରୋଟି ଚେଞ୍ଜିଙ୍ଗ ଗୃହ ଆଦି ନିର୍ମାଣ ହୋଇଛିଯଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ, ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ, ସମ୍ପ୍ରତି ତାହା ବ୍ୟବହୃତ ହେବା ପୂର୍ବରୁ ନିମ୍ନମାନର କାର୍ଯ୍ୟ ଯୋଗୁଁ ଭାଙ୍ଗିବା ସ୍ଥିତିକୁ ଆସିଲାଣି। ଶ୍ମଶାନ ପିଣ୍ଡିର ପିଣ୍ଡି ଦବିଯାଇ ଟାଇଲ ଗୁଡିକ ଖସି ପଡୁଛି। ବିଶ୍ରାମ ଗୃହ ଅସାମାଜିକ ବ୍ୟକ୍ତିଙ୍କ ଅଡ୍ଡାସ୍ଥଳୀ ପାଲଟିବା ସହ, ବ୍ୟବହୃତ ମଦ ପାକେଟ, ବୋତଲ, ପାଣିବୋତଲ ଭର୍ତ୍ତି ହୋଇଛି । ଅନେକ ସମୟରେ ସହରର ଶହ ଶହ ପରିବାର ଶବଦାହ ପାଇଁ ନିକଟସ୍ଥ ଭତ୍ରା ଜୋରରେ ନିର୍ଭର କରୁଥିବା ବେଳେ, ବର୍ଷାଦିନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ନୂତନ ଭାବରେ ନିର୍ମାଣ ହୋଇଥିବା ଏହି ଶ୍ମଶାନ କୁ ନେଇ ଲୋକେ କିଛିଟା ଆଶ୍ୱସ୍ତ ହୋଇଥିଲେ, କିନ୍ତୁ ବ୍ୟବହାର ପୂର୍ବରୁ ହିଁ ନିମ୍ନମାନର କାର୍ଯ୍ୟଯୋଗୁଁ ଶ୍ମଶାନର ସ୍ଥିତି ବିପନ୍ନ ହୋଇପଡିବା, ଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଏହା କାହାର ଦାୟିତ୍ୱ ଓ ଲୋକଙ୍କ ବିନିଯୋଗରେ କେବେ ଆସିବ ଏହାକୁ ନେଇ ଜନସାଧାରଣ ସନ୍ଦିହାନ ହେଉଛନ୍ତି। ପରିଚାଳନା ଦାୟିତ୍ୱ ହୀନତା ଯୋଗୁଁ ଲକ୍ଷ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରେ ନିର୍ମିତ ଏହି ଶ୍ମଶାନର ଅବସ୍ଥା ଦୟନୀୟ ଆଡକୁ ଗତି କରୁଥିବା ବେଳେ, ଏ ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ସତ୍ୟ ସାଇ ବାବାଙ୍କ ଜନ୍ମ ଉତ୍ସବ ପାଳନ

- ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ନିକଟରେ ଶ୍ରୀ ସତ୍ୟସାଇ ବାବାଙ୍କ ୯୯ ତମ ଜନ୍ମ ଉତ୍ସବ ଅତି ଆଡମ୍ବରରେ ପାଳିତ ହୋଇ ଯାଇଛି। ସକାଳୁ ଓଁ କାରମ ଓ ସୁପ୍ରଭାତ ସହ ନଗର ସଂକୀର୍ତ୍ତନ,ପ୍ରଶାନ୍ତି ପତାକା ଉତ୍ତୋଳନ କରାଯିବା ପରେ ଶ୍ରୀ ସତ୍ୟ ସାଇ ବାବାଙ୍କ ପାଲିଙ୍କି ପରିକ୍ରମା କରାଯାଇ ଥିଲା।ଏହି ପରିକ୍ରମାରେ ଶ୍ରୀ ସତ୍ୟ ସାଇ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ବାବାଙ୍କ ଭକ୍ତ ମାନେ ଅଂଶ ଗ୍ରହଣ କରିଥିଲେ। ପରେ ସାଇବ୍ରତ ପୂଜା କରାଯାଇଥିଲା। ଶ୍ରୀ ସତ୍ୟ ସାଇ ବାବାଙ୍କ ଆଦର୍ଶ ହେଉଛି ସେବା କରିବା, ନର ଦେହେ ନାରାୟଣ ପ୍ରାୟ ତିନି ଚାରି ହଜାର ଲୋକଙ୍କ ପାଇଁ ନାରାୟଣ ସେବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ଜୁନିଅର ରେଡ କ୍ରସ ତରଫରୁ ଏକମ୍ବା ଉଚ୍ଚ ବିଦ୍ୟାଳୟରେ ରକ୍ତଦାନ ଶିବିର

ଜୟପୁର(ମହାଭାରତ): ଜୁନିଅର ରେଡ କ୍ରସ ତରଫରୁ ଏକମ୍ବା ଉଚ୍ଚ ବିଦ୍ୟାଳୟରେ ରକ୍ତଦାନ ଶିବିର ଜୟପୁର ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ପାଳନ ଅବସରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଏକମ୍ବାରେ ଜୁନିଅର ରେଡ କ୍ରସ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏକମ୍ବା ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଧିକାଂଶ ଜୀବନର ପ୍ରଥମ ଥର ଦେଇଥିବା ରକ୍ତଦାତା,ଦମ୍ପତି ରକ୍ତଦାତା ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ରକ୍ତଦାତାମାନେ ରକ୍ତ ଦାନ କରି ଅନ୍ୟର ଜୀବନ ବ□ଇବାରେ ସାହାଯ୍ୟର ହାତ ବଢ଼େଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଡ଼ଃ ଜ୍ୟୋତ୍ସ୍ନା ମିଶ୍ର ସଭାପତିତ୍ୱ କରିଥିଲେ। ଜୁନିଅର ରେଡ କ୍ରସ ପରାମର୍ଶଦାତା ଶ୍ରୀଯୁକ୍ତ ମନୋଜ କୁମାର ମିଶ୍ର ବେଦପାଠ କରିବା ସହିତ ସଭା ପରିଚାଳନା କରି ରକ୍ତଦାନ ଶିବିରରେ ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସତପଥି, ସମ୍ମାନିତ ଅତିଥି ଭାବରେ ଜୟପୁରର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀ ଶ୍ରୀଯୁକ୍ତ ଅଭିଷେକ ଭୋଇ, ପ୍ରକାଶ ପଟ୍ଟନାୟକ, ଓମ ପ୍ରକାଶ ମିଶ୍ର, ଦିଲ୍ଲୀପ କୁମାର ପଣ୍ଡା, ସୁନୀଲ କୁମାର ପାଢ଼ୀ,ଲିପିକା ପାତ୍ର,ଉଜଉଉ ସର୍ବେଶ୍ୱର ପଟ୍ଟନାୟକ, ବରିଷ୍ଠ ସହାୟକ ବାଳଗୋପାଳ ମିଶ୍ର ଓ ଶଶିଭୂଷଣ ଦାଶ ଓ ସାରସ୍ୱତ ଅତିଥି ଭାବରେ ଜୁନିଅର ରେଡ କ୍ରସ ଅଧିକାରୀ, କୋରାପୁଟ ଶ୍ରୀଯୁକ୍ତ ହରେକୃଷ୍ଣ ମହାରଣା ମହୋଦୟ,ଜିଲ୍ଲା ରେଡ କ୍ରସ ପ୍ରଶିକ୍ଷକ ସୁଜିତ କୁମାର ଜେନା ମହୋଦୟ ଓ ରକ୍ତ ପ୍ରେରଣା ଦାତା ତଥା ସମାଜ ସେବକ ଶ୍ରୀଯୁକ୍ତ ପ୍ରମୋଦ ରାଉଳ ମହୋଦୟଙ୍କ ସହିତ ଝଗଉଉ ସଭ୍ୟ ଲଇଚନ ହରିଜନ ଓ ଅନ୍ୟାନ୍ୟ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ଆଲୁମିନୀ ସଦସ୍ୟମାନେ, ଗ୍ରାମବାସୀ, ଅଭିଭାବକ,ଜୁନିଅରମାନେ,ବ୍ଲଡ଼ ବ୍ୟାଙ୍କ ଟିମ ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ବି. ନଳୀନ କୁମାର, ଉମାରାଣୀ ସାହୁ, ରାଜଲକ୍ଷ୍ମୀ ପ୍ରିୟା ସାମନ୍ତରାୟ, ପ୍ରସନ୍ନ କୁମାର ପାଣିଗ୍ରାହୀ,ବୃନ୍ଦାବତୀ ଖୋରା, ଶୁଭଙ୍କର ଦାଶ ମହୋଦୟମାନେ ବିଶେଷ ଭାବରେ ସହଯୋଗ କରିଥିଲେ ।

### ହିନ୍ଦୋଳ ଏନ,ଏ,ସି ର ସ୍ମାର୍ଟ ପାର୍କରେ ସ୍ମାର୍ଟ ଦୁର୍ନୀତି

## ନାଇଟ୍ ୱାଚରୁମ ଓ ଗାର୍ଡରୁମ ନକରି ଚଳୁ କରିଦେଲେ ଲକ୍ଷ ଲକ୍ଷ ଟଙ୍କା



ହିନ୍ଦୋଳ(ମହାଭାରତ)ସବୁ ଦୁର୍ନୀତିର ସୀମା ଟପି ଯାଇଛି ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବିଜ୍ଞାପିତ ପରିଷଦ ଅଞ୍ଚଳ। ସୂତ୍ର ଓ ଆୟବ୍ୟୟ ହିସାବରୁ ଜଣାପଡିଛି ୨୦୨୩-୨୦୨୪ଆର୍ଥିକବର୍ଷରେ ବିନା ସୂଚନା ଫଳକରେ କେଉଁଠି ମାଟି ଫିଲିଙ୍ଗ ନାମରେ ଲକ୍ଷାଧିକ ତ କେଉଁଠି ମାଟି ମୋରମ ନାମରେ, ସ୍ମାର୍ଟ ପାର୍କରେ ବୁଶକଟିଙ୍ଗ, ମାଟି ଫିଲିଙ୍ଗ ନାମରେ ଅଧକୋଟିରୁ ଉର୍ଦ୍ଧ୍ୱ, ପୋଖରୀ ଖୋଳାରେ କୋଟିକୋଟି ଟଙ୍କା, ଏପରିକି ମୁକ୍ତା ଯୋଜନାରେ ଏମଆଇ କେନାଲ ହୁଡ଼ାରେ ଓ ଜଙ୍ଗଲ ଭିତରେ ଫେଭର ରାସ୍ତା, ବେ□,ପାର୍କ, ମିଶନ ଶକ୍ତି ଘର ନିର୍ମାଣ, ନିର୍ଦ୍ଧିଷ୍ଟ ପ୍ରଭାବଶାଳୀ କାଉନସିଲରଙ୍କ ୱାର୍ଡରେ କେବଳ କୋଟିଏରୁ ଉର୍ଦ୍ଧ୍ୱ କାମ,ନିର୍ବାଚନରେ ଲକ୍ଷାଧିକ ଟଙ୍କା ଇତ୍ୟାଦି ନାମରେ କୋଟିକୋଟି ଟଙ୍କା କରିଦିଆଯାଇଛି ଆତ୍ମସାତ କରିଦିଆ ଯାଇଛି ଏବଂ ଏଥିରେ ଏହି ସମୟରେ ଥିବା ନିର୍ବାହୀ ଅଧିକାରୀ ମଧ୍ୟ ସାମିଲ ଥିବା ଜଣାପଡିଛି ।ତେବେ ଏହି ଆୟବ୍ୟୟ ହିସାବରୁ ଜଣା ପଡିଛି ସରକାରୀ କଳ ଓ କ୍ଷମତାର ଦୁରୁପଯୋଗ କରାଯାଇ ହିନ୍ଦୋଳ ଏନଏସି ୱାର୍ଡନଂ୧୨ରେ ହୋଇଥିବା ସ୍ମାର୍ଟପାର୍କରେ ନାଇଟୱାଚର ରୁମ ଓ ଗାର୍ଡରୁମ ନିର୍ମାଣ ପାଇଁ ୧ଲକ୍ଷ୯୦ହଜାର ଲେଖାଏଁ ୩ଲକ୍ଷ୮୦ହଜାର ଟଙ୍କା, ନାଇଟ ୱାଚର ରୁମ ଓ ଗାର୍ଡ ରୁମ ର ବୁଶକଟିଂ ଏବଂ ଲ୍ୟାଣ୍ଡ ଲେଭଲିଙ୍ଗ ପାଇଁ ୧ଲକ୍ଷ୮୭ହଜାର ୬୫ଟଙ୍କା ଲେଖାଏଁ ୩ଲକ୍ଷ୭୫ହଜାର୧ଶହ୩୦ ଟଙ୍କାର ବିଲ ହୋଇ ପେମେ□ ମଧ୍ୟ ହୋଇଛି ।ତେବେ ବାସ୍ତବ ଚିତ୍ର ତାହାର ଓଲଟା ନା ଏହି ସ୍ମାର୍ଟ ପାର୍କ ଭିତରେ କିମ୍ବା ବାହାରେ ନିର୍ମାଣ ହୋଇଛି ନାଇଟ ୱାଚର ରୁମ ନା ଗାର୍ଡ ରୁମ ନିଜେ ନଦେଖିଲେ ବିଶ୍ୱାସ କରିହେବନି ।ତେବେ ଏଥିରୁ ପ୍ରମାଣିତ ଏହି ଚାରୋଟି କାମରେ ୭ଲକ୍ଷ୫୫ହଜାର୧ଶହ୩୦ ଟଙ୍କା ବିନା କାର୍ଯ୍ୟରେ ହୋଇଛି ହଡ଼ପ । ସେହିପରି ହିନ୍ଦୋଳ କୋର୍ଟ ନିକଟରେ ଏକ ଅତ୍ୟାଧୁନିକ ଶୌଚାଳୟ ନାମରେ ୩୦ଲକ୍ଷ ବ୍ୟୟ ମଧ ତଦନ୍ତ ସକ୍ଷେପ କ୍ଷସେହିପରି ହିନ୍ଦୋଳ ଏନଏସି ରେ ବିଗତ ଦୁଇବର୍ଷ ଭିତରେ ଦୁର୍ନୀତିର ଚେର ଏତେ ଭିତରକୁ ଲମ୍ବିଛି ଏବଂ କୋଟିକୋଟି ଟଙ୍କା ଆତ୍ମସାତ କରାଯାଇଛି ତାହା କଳ୍ପନା ବାହାରେ ।ସର୍ବନିମ୍ନ ସେବା ଯୋଗାଇବାରେ ବିଫଳ ହିନ୍ଦୋଳ ଏନ ଏ ସି ଉପରୁ ଧୀରେ ଧୀରେ ଜନସାଧାରଣଙ୍କ ଆସ୍ଥା ତୁଟିଯିବା ସହ ବିଗତ ଦୁଇବର୍ଷର ସମସ୍ତ ମୁକ୍ତା ଯୋଜନାରେ ହୋଇଥିବା କାର୍ଯ୍ୟ ଏବଂ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟର ସ୍ପଟ ଭିଜିଟିଂ, କ୍ୟୁଟେଷ୍ଟ ସହ ପୁଙ୍ଖାନୁପୁଙ୍ଖ ସ୍ୱତନ୍ତ୍ର ଭିଜିଲାନ୍ସ ତଦନ୍ତ, ସ୍ୱତନ୍ତ୍ର ଅଡିଟ କରାଯାଇଛି ତଦନ୍ତ କରାଯିବା ସହ ଏଥିରେ ସମ୍ପୃକ୍ତ ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ତଦନ୍ତ ପରିସରଭୁକ୍ତ କରାଯାଇ ଆତ୍ମସାତ ହୋଇଥିବା ସରକାରୀ ଅର୍ଥକୁ ଜବତ କରାଯାଉ ବୋଲି ହିନ୍ଦୋଳ ଜନସାଧାରଣ, ବୁଦ୍ଧିଜୀବୀ ମାନେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତ।

## ଓଡ଼ିଶା ରାଜ୍ୟ ଖାଦ୍ୟ ଆୟଗ ଙ୍କ ସମୀକ୍ଷା ବୈଠକ

ଦେବଗଡ଼ (ମହା ଭାରତ):/ ଶୁକ୍ର ବାର ଆଜିଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ଠାରେ ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଅବନିକାନ୍ତ ସାହୁ, ଦେବଗଡ଼ ଗସ୍ତ ରେ ଆସି ନିଜ ବିଭାଗ ଅଧୀନରେ କାର୍ଯ୍ୟକାରି ହଉଥିବା ସରକାରଙ୍କ ଅନେକ ଯୋଜନା ଉପରେ ସମୀକ୍ଷା କରିଛନ୍ତି। ଜାତୀୟ ଖାଦ୍ୟ ନିରାପତା ଆଇନ୍ କିଭଳି ଲୋକଙ୍କ ପାଖରେ ପହଞ୍ଚି ପାରିବ ଏବଂ ଜଣେ ହେଲେ ଉପଯୁକ୍ତ ହିତାଧିକାରୀ ବଞ୍ଚିତ ହେବେ ନାହିଁ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଧର୍ମାନନ୍ଦ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱମୋହନ ମିଶ୍ର, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ କେଦାରନାଥ ନାଏକ, ଗୋଷ୍ଠି ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ, ଗୋଷ୍ଠି ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରେସନ୍ ଓରାମ,ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭାଗୀୟ ଅନ୍ୟ ସମସ୍ତ ଅଧିକାରୀ ସାମିଲ ହୋଇଥିଲେ।

# ଇସ୍ରାଏଲ ଆକ୍ରମଣରେ ବେହାଲ ଗାଜା



**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ସମଗ୍ର ବିଶ୍ୱରେ ଏବେ ତୃତୀୟ ବିଶ୍ୱଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହେଲାଣି । ଗୋଟିଏ ପଟେ ଋଷ-ୟୁକ୍ରେନ ଯୁଦ୍ଧ ଥମିବାର ନାଁ ନେଉ ନଥିଲା ବେଳେ ଅନ୍ୟପଟେ ଇସ୍ରାଏଲ ଗାଜା ଉପରେ ଆକ୍ରମଣ ଜାରି ରଖିଛି । ଏହି ଆକ୍ରମଣ ଫଳରେ ମଧ୍ୟ-ପ୍ରାଚ୍ୟରେ ମଧ୍ୟ ଅସ୍ଥିରତା ଲାଗି ରହିଛି । ଯୁଦ୍ଧରେ ଇସ୍ରାଏଲ ଏୟାର ଷ୍ଟ୍ରାଇକ କରି ହମାସ ଭଳି ଚରମପନ୍ଥୀ ଗୋଷ୍ଠୀ ଉପରେ ଆକ୍ରମଣ ଜାରି ରଖିଛି । ଇସ୍ରାଏଲ ପାଲେଷ୍ଟାଇନ ଅନ୍ତର୍ଗତ ଗାଜା ଓ ବେରୁଟରେ ନିଜର ଏୟାରଷ୍ଟ୍ରାଇକ ଜାରି ରଖିଛି । ଶନିବାର ମଧ୍ୟରାତ୍ରରେ ହୋଇଥିବା ଏୟାରଷ୍ଟ୍ରାଇକରେ ଗାଜାର ୧୯ ଜଣଙ୍କ ସହ ବେରୁଟରେ ୧୧ଜଣଙ୍କର ମୃତ୍ୟୁ ହୋଇଛି । ଗାଜାଷ୍ଟ୍ରିପରେ ଥିବା ଏକ ନାଗରିକ ପ୍ରତିରକ୍ଷା ଅନୁଷ୍ଠାନ ଏହି ଏୟାର ଷ୍ଟ୍ରାଇକରେ ୪୦ରୁ ଅଧିକ ଆହତ ହୋଇଥିବା ସୂଚନା ଦେଇଛି। ବେରୁଟର ବସ୍ତି ଅଲ-ଫାଓ୍ୱକାରେ ଇସ୍ରାଏଲ କରିଥିବା ଏୟାରଷ୍ଟ୍ରାଇକରେ ୧୧ ଜଣଙ୍କର ମୃତ୍ୟୁ ଘଟିବା ସହିତ ବହୁ ଜଣଙ୍କ ଦେହାବଶେଷ ଠାବ ହୋଇଛି । ଡିଏନଏ ଟେଷ୍ଟ ସରିଲା ପରେ ମୋଟ କେତେଜଣଙ୍କ ମୃତ୍ୟୁ ଘଟିଛି ସେନେଇ ଆନୁଷ୍ଠାନିକ ଭାବେ କହିହେବ ବୋଲି ଲେବନାନର ସ୍ୱାସ୍ଥ୍ୟ ବିଭାଗ ଘୋଷଣା କରିଛି । ମିଳିଥିବା ସୂଚନା ମୁତାବକ ଇସ୍ରାଏଲୀ ବାୟୁସେନା ବସ୍ତି ଅଞ୍ଚଳରେ ପ୍ରବେଶ କରି ଏକ ଆଠ ମହଲା ବିଶିଷ୍ଟ ଏକ ବିଲ୍ଡିଂକୁ ଟାର୍ଗେଟକରି ଏହି ଷ୍ଟ୍ରାଇକ କରିଥିଲା । ଏହି ଷ୍ଟ୍ରାଇକରେ ସମ୍ପୂର୍ଣ୍ଣ ବିଲ୍ଡିଂ ଧ୍ୱଂସ ହୋଇଯିବା ସହ ଅନେକ ଲୋକ ମୃତାହାତ ହୋଇଥିଲେ । ଅକ୍ଟୋବର ୨୦୨୩ରୁ ଇସ୍ରାଏଲ, ହମାସ ଓ ଇରାନ ସମର୍ଥିତ ଆତଙ୍କବାଦୀ ସଂଗଠନ ହେଜବୁଲ୍ଲା ମଧ୍ୟରେ ସଂଘର୍ଷ ଲାଗି ରହିଛି । ଲେବାନନ ସୀମାରେ ଏକ ବର୍ଷର ଶାନ୍ତି ପରେ ଇସ୍ରାଏଲ ଗତ ସେପ୍ଟେମ୍ବର ମାସରେ ଲେବାନନ ଉପରେ ଏୟାର ଷ୍ଟ୍ରାଇକ କରିବା ସହ ନିଜ ସୈନ୍ୟବାହିନୀକୁ ହେଜବୁଲ୍ଲା ବିରୁଦ୍ଧରେ ଲଢ଼ିବା ପାଇଁ ଦକ୍ଷିଣ ଲେବାନନକୁ ପଠାଇଥିଲା । ଅନ୍ୟପଟେ ଗାଜା ଷ୍ଟ୍ରିପରେ ହେଉଥିବା ପ୍ରଚଣ୍ଡ ଆକ୍ରମଣ ଯୋଗୁଁ ଯୋଗାଣ ବ୍ୟବସ୍ଥା ଠପ ହୋଇଯାଇଛି । ଯାହା ଫଳରେ ଗାଜାରେ ଥିବା ଏକ ମାତ୍ର ଚିକିତ୍ସାଳୟ ଆଉ ମାତ୍ର ୨ଦିନ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ପାଲେଷ୍ଟାଇନର ସ୍ୱାସ୍ଥ୍ୟ ମନ୍ତ୍ରୀ ଘୋଷଣା କରିଛନ୍ତି ।

# ସେନ୍ସେକ୍ସ ୧୯୬୧ ପଏଣ୍ଟ ବଢ଼ିଲା

**ମୁମ୍ବାଇ,୨୩।୧୧(ଏଜେନ୍ସି):** ଚଳିତ ସପ୍ତାହର ଶେଷ କାରବାର ଦିନରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସରେ ୨୦୦୦ ପଏଣ୍ଟ ପାଖାପାଖି ବୃଦ୍ଧି ହୋଇଛି । ଦୀର୍ଘ ପାଞ୍ଚ ମାସ ପରେ ସେନ୍ସେକ୍ସରେ ଏଭଳି ଉତ୍ସାହ ଦେଖିବାକୁ ମିଳିଛି । ଶିଳ୍ପପତି ଗେତମ ଆଦାନୀଙ୍କ ବିରୋଧରେ ଆମେରିକା ଲାଞ୍ଚ କାରବାର ଭଳି ଗମ୍ଭୀର ଅଭିଯୋଗ କରିବା ପରେ ଷ୍ଟକ୍ ବଜାର ଧରାଶାୟୀ ହେବା ଆଶା କରାଯାଉଥିଲା । ମାତ୍ର ଏହାର ବିପରୀତ ଆଜି ଜବରଦସ୍ତ କାରବାର ହୋଇଛି । ସେନ୍ସେକ୍ସ ଆଜି ୧୯୬୧ ପଏଣ୍ଟ ବୃଦ୍ଧି ପାଇ ୭୯,୧୧୭ ପଏଣ୍ଟେ ବନ୍ଦ ହୋଇଛି । ତାହାର ପ୍ରଭାବରେ ନିବେଶକମାନଙ୍କୁ ଗୋଟିଏ ଦିନରେ ୭.୨ ଲକ୍ଷ କୋଟି ଟଙ୍କାର ଫାଇଦା ହୋଇଛି । ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୫୫୭ ପଏଣ୍ଟ ବୃଦ୍ଧି ପାଇ ୨୩,୯୦୭ ପଏଣ୍ଟରେ ବନ୍ଦ ହୋଇଛି । ଶୁକ୍ରବାର କାରବାରରେ ଦେଖାଦେଇଥିବା ଉତ୍ସାହ ପଛରେ ଅନେକ କାରଣ ରହିଛି । ଆଦାନୀ ଗ୍ରୁପର ୧୦ଟି ତାଲିକାଭୁକ୍ତ କମ୍ପାନୀ ମଧ୍ୟରୁ ୬ଟି କମ୍ପାନୀର ସେୟାର ମୂଲ୍ୟରେ ସୁଧାର ଘଟିଛି । ଆଇଟି କମ୍ପାନୀଗୁଡ଼ିକର ସେୟାର ମୂଲ୍ୟ ମଧ୍ୟ ବଢ଼ିଛି । ଆଦାନୀ ଗ୍ରୁପର ଆଦାନୀ ଏଣ୍ଟରପ୍ରାଇଜେସ୍, ଆଦାନୀ ପୋର୍ଟସ୍, ଆଦାନୀ ଟୋଟାଲ୍ ଗ୍ୟାସ୍, ଅମ୍ବୁଜା ସିମେଣ୍ଟ, ଏସିସି ଓ ଏନଡିଟିଭିର ସେୟାର ମୂଲ୍ୟ ବୃଦ୍ଧି ପାଇଛି । ବିଶ୍ୱସ୍ତରରେ ବିଭିନ୍ନ ଷ୍ଟକ୍ ବଜାରରେ ମଧ୍ୟ ଆଜି ଭଲ କାରବାର ହୋଇଛି । ଆମେରିକାରେ ଡାଓ ଜୋନ୍ସ, ଏସ୍ଆଣ୍ଡପି ୫୦୦ ଓ ନାସ୍ଦାକ୍ ବୃଦ୍ଧି ସହ ବନ୍ଦ ହୋଇଥିବା ବେଳେ ଜାପାନର ନିକେଇ, କୋରିଆର କୋସ୍ପି ମଧ୍ୟ ବୃଦ୍ଧି ସହ ବନ୍ଦ ହୋଇଛି । ତାହାର ପ୍ରଭାବରେ ଭାରତରେ ଆଜି କାରବାରରେ ଉତ୍ସାହ ଫେରିଥିବା କୁହାଯାଉଛି । ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ଏନ୍ଡିଏ ମେଣ୍ଟ ସରକାର ଗଠନ କରିବା ଆକଳନ କରାଯାଇଥିବାରୁ ମଧ୍ୟ ନିବେଶକମାନେ ଉତ୍ସାହିତ ରହିଛନ୍ତି । ଆଇସିଆଇସିଆଇ ବ୍ୟାଙ୍କ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏସ୍ବିଆଇ, ଇନ୍ଫୋସିସ୍, ଆଇଟିସି, ଏଲ୍ଆଣ୍ଡଟି, ଟିସିଏସ୍, ଭାରତୀ ଏୟାରଟେଲ୍ ଓ ବଜାଜ ଫାଇନାନ୍ସର ସେୟାର ମୂଲ୍ୟ ବଢ଼ିଛି । ବ୍ୟାଙ୍କ, ଆର୍ଥିକ ସେବା ସଂସ୍ଥା, ଏଫ୍ଏମ୍ସିଜି, ଆଇଟି, ଧାତବ, ସ୍ୱାସ୍ଥ୍ୟ ସେବା, ତେଲ ଓ ଗ୍ୟାସ୍ କ୍ଷେତ୍ରର କମ୍ପାନୀଗୁଡ଼ିକର ସେୟାର ମୂଲ୍ୟରେ ୧-୨ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି ।

## ମଣିପୁରରେ ଥମୁନି ଉତ୍ତେଜନା, ୭ ଜିଲ୍ଲାରେ ଇଣ୍ଟରନେଟ ସେବା ବନ୍ଦ

**ଇମ୍ଫାଲ,୨୩।୧୧(ଏଜେନ୍ସି):** ମଣିପୁରର ବିଭିନ୍ନ ସ୍ଥାନରେ ରହିଛି ଉତ୍ତେଜନା ପରିସ୍ଥିତି । ସେପଟେ ଇମ୍ଫାଲ ଉପତ୍ୟକାରେ ଆଜି ବି ବନ୍ଦ ରହିବ ସ୍କୁଲ ଓ କଲେଜ । ଛାତ୍ରଛାତ୍ରୀଙ୍କ ନିରାପତ୍ତା ଲାଗି ଏହି ପଦକ୍ଷେପ ନେଇଛନ୍ତି ସରକାର । ସରକାରୀ ନିଷ୍ପତ୍ତି ଅନୁସାରେ ଇମ୍ଫାଲ ପଶ୍ଚିମ, ଇମ୍ଫାଲ ପୂର୍ବ, ଥୋବାଲ, ବିଷ୍ଣୁପର ଓ କାକଚିଙ୍ଗରେ ସ୍ଥିତି ଉତ୍ତେଜନାପ୍ରବଣ ଥିବାରୁ ଉପତ୍ୟକାରେ ଶିକ୍ଷାନୁଷ୍ଠାନ ବନ୍ଦ ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି ।ସେହିପରି ଉତ୍ତେଜନାକୁ ଦୃଷ୍ଟିରେ ରଖି ଆଜି ବି ରାଜ୍ୟର ୭ ଜିଲ୍ଲାରେ ବନ୍ଦ ରହିବ ଇଣ୍ଟରନେଟ ସେବା । ସେପଟେ ମଣିପୁର ପୋଲିସ ପକ୍ଷରୁ ପାର୍ବତ୍ୟାଞ୍ଚଳ ଓ ଉପତ୍ୟକାରେ ଚଳାଇଛି ସର୍ଚ୍ଚ ଅପରେସନ । ବିଭିନ୍ନ ସ୍ଥାନରେ କୁକୀଙ୍କ ଉପରେ ଆକ୍ରମଣକୁ ବିରୋଧ କରିଛି କୁକୀ ଅର୍ଗାନାଇଜେସନ ଫର ହ୍ୟୁମାନ ରାଇଟସ୍ ଟ୍ରଷ୍ଟ । ତେଣେ ଜିରିବାମରେ ମୈତେଇଙ୍କ ଉପରେ ହେଉଥିବା ଆକ୍ରମଣକୁ ବିରୋଧ କରିଛି ମୈତେଇ ସଂଗଠନ ତାରାଗି ଚେଇସୁ । ମୈତେଇଙ୍କ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛି ସଂଗଠନ । ଜାକୁରଧୋର ସମେତ ୬ଟି ପୋଲିସ ଥାନା ଅଞ୍ଚଳରେ ଆଫସ୍ପା ଲାଗୁକୁ ସଂଗଠନ ବିରୋଧ କରିଛି । ଶାନ୍ତି ପ୍ରତିଷ୍ଠା କରିବାରେ ଆଫସ୍ପା ବିଫଳ ବୋଲି ସଂଗଠନ ଅଭିଯୋଗ କରିଛି । ସେପଟେ ବୀରେନ ସିଂ ସରକାର ଉପରେ ଏନପିପି ସମର୍ଥନ ପ୍ରତ୍ୟାହାର ପରେ କ୍ଷୁବ୍ଧ ହୋଇଛି ବିଜେପି । ନାଗାଲାଣ୍ଡରେ ଏନପିପି ସହ ସମ୍ପର୍କ ଛିନ୍ନ କରିବାକୁ ବିଜେପି ଦେଇଛି ଧମକ ।

# ପାଲଘର ସାଧୁମାନଙ୍କ ଅଭିଶାପ ପଡିଲା: ଆଚାର୍ଯ୍ୟ ପ୍ରମୋଦ

**ମୁମ୍ବାଇ,୨୩।୧୧(ଏଜେନ୍ସି):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳର ଧାରା ଅନୁଯାୟୀ, ବିଜେପି ନେତୃତ୍ୱାଧୀନ ମହାଯୁତି ଗଠବନ୍ଧନ ରାଜ୍ୟରେ ସଂଖ୍ୟାଗରିଷ୍ଠତା ସହ ସରକାର ଗଠନ କରିବାକୁ ଅଗ୍ରସର ହେଉଛି । ମହାବିକାଶ ଅଘାଡି ଗଠବନ୍ଧନ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଛି । ତେବେ କଂଗ୍ରେସର ପୂର୍ବତନ ନେତା ଆଚାର୍ଯ୍ୟ ପ୍ରମୋଦ, ଲୋକସଭାରେ ବିରୋଧୀ ଦଳର ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଏନେଇ ଟାର୍ଗେଟ କରିଛନ୍ତି । ରାହୁଲ ଗାନ୍ଧୀ ଏବଂ ଉଦ୍ଧବ ଠାକରେଙ୍କୁ ଟ୍ୟାଗ୍ କରି ଆଚାର୍ଯ୍ୟ ପ୍ରମୋଦ ଲେଖିଛନ୍ତି, ମହାରାଷ୍ଟ୍ର ରାହୁଲ ଗାନ୍ଧୀ ଜୀଙ୍କୁ ବିରୋଧୀର ନେତା ହେବାକୁ ଯୋଗ୍ୟ ମଧ୍ୟ ଛାଡି ନାହାଁନ୍ତି, ପାଲଘରର ସାଧୁମାନଙ୍କର ଅଭିଶାପ ତାଙ୍କ ଉପରେ ପଡିଛି । ସାଧୁମାନଙ୍କର ଅଭିଶାପ ଯୋଗୁଁ କଂଗ୍ରେସର ମହାରାଷ୍ଟ୍ରରେ ଏ ଅବସ୍ଥା ହୋଇଛି । ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ଫଳାଫଳ ପାଇଁ ଭୋଟ୍ ଗଣନା ଚାଲିଛି । ଟ୍ରେଣ୍ଡ ଅନୁଯାୟୀ, ମହାଯୁତି ଗଠବନ୍ଧନ ସଂଖ୍ୟାଗରିଷ୍ଠତା ଅପେକ୍ଷା ଅଧିକ ଆସନ ସହ ନିର୍ବାଚନରେ ଜିତିବାକୁ ଯାଉଛି । ନିର୍ବାଚନ ଆୟୋଗର ତଥ୍ୟ ଅନୁଯାୟୀ, ନିର୍ବାଚନ ଫଳାଫଳରେ କେବଳ ଭାରତୀୟ ଜନତା ପାର୍ଟି ୧୩୨ଟି ଆସନରେ ଆଗୁଆ ରହିଛି । ସେଥିମଧ୍ୟରୁ ବିଜେପି ୧୫ଟି ଆସନ ଜିତିଛି । ଏଥି ସହିତ ବିଜେପିର ସହଯୋଗୀ ଶିବସେନାର ସିନ୍ଦେ ଦଳ ୫୪ଟି ଆସନରେ ଆଗୁଆ ଅଛନ୍ତି । ସେଥିମଧ୍ୟରୁ ଏହା ୮ଟି ସିଟ୍ ଜିତି ୪୬ଟି ସିଟରେ ଆଗୁଆ ରହିଛି ଯେଉଁଠାରେ ଅଜିତ ପାୱାରଙ୍କ ଏନସିପି ୮ଟି ଆସନ ଜିତି ୩୨ଟି ସିଟରେ ଆଗୁଆ ରହିଛି । କଂଗ୍ରେସ ସମର୍ଥିତ ମହାବିକାଶ ଅଘାଡି କେବଳ ୫୩ଟି ଆସନରେ ଆଗୁଆ। ରହିଛି । ମହାବିକାଶ ଅଘାଡି ମିଳିତ ମଞ୍ଚରେ ଶିବସେନା (ୟୁବିଟି) ମାତ୍ର ୨୦ଟି ଆସନରେ ଆଗୁଆ ରହିଛି । ଯେତେବେଳେ କି ଭାରତୀୟ ଜାତୀୟ କଂଗ୍ରେସ ୧୯ଟି ଆସନରେ ଆଗୁଆ ରହିଛି । ଶରଦ ପାୱାରଙ୍କ ଏନସିପି ଦଳ ୨ଟି ସିଟ୍ ଜିତିଛି । ଏଥିସହିତ ଏହା ୧୦ଟି ଆସନରେ ଆଗୁଆ ରହିଛି। ୨୮୮ ବିଧାନସଭା ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ସଂଖ୍ୟାଗରିଷ୍ଠ ସରକାର ଗଠନ ପାଇଁ ୧୪୫ଟି ସିଟ୍ ଆବଶ୍ୟକ ।



# ନୂତନ ବସଷ୍ଟାଣ୍ଡ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି



**ସୁବର୍ଣ୍ଣପୁର,(ନିପ୍ର) :** ବହୁ ପ୍ରତୀକ୍ଷିତ ସୋନପୁରର ନୂତନ ବସଷ୍ଟାଣ୍ଡ କାର୍ଯ୍ୟ ତ୍ୱରା ନ୍ୱିତ କରିବାକୁ ଦାବି ହେଉଛି। ଗତବର୍ଷ ଅଗଷ୍ଟ ୨୩ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ସୋନପୁରରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।ଏହି ନୂତନ ବସଷ୍ଟାଣ୍ଡରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ହୋଇଥାନ୍ତା ହେଲେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ହୋଇସାରିଥିଲା ବେଳେ କାମ କାହିଁକି ଆରମ୍ଭ ହେଉନାହିଁ ଏହା ସମସ୍ତ ଙ୍କୁ ଚକିତ କରିଛି। ରାଜ୍ୟ ର ବିଭିନ୍ନ ସଦର ମହକୁମା ତଥା ସୁବର୍ଣ୍ଣପୁର ଜିଲ୍ଲାର ପ୍ରାୟ ବସଷ୍ଟାଣ୍ଡ ନିର୍ମାଣ ହୋଇ ଯାତ୍ରୀମାନଙ୍କ ବ୍ୟବହାର ହେଲାଣି । କିନ୍ତୁ ଦ୍ୱିତୀୟ ବାରାଣାସୀ କୁହାଯାଉ ଥିବାର ସୋନପୁର ସହରରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟରମ୍ଭ ହୋଇ ପାରୁ ନାହିଁ। ଏହାର ବିଳମ୍ବିତ ନେଇ ଯାତ୍ରୀ ଓ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଖରା ଓ ବର୍ଷା ଦିନରେ ଖୋଲା ଆକାଶରେ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଅନେକ ଅସୁବିଧାର ସାମ୍ନା କରୁଛନ୍ତି ଯାତ୍ରୀ ଓ ପର୍ଯ୍ୟଟକ । ଶୈବ, ଶାକ୍ତ, ବିଷ୍ଣୁ ସହ ମହିମା ଧର୍ମ ମହା ମିଳନସ୍ଥଳୀ ସୁବର୍ଣ୍ଣପୁର ଜିଲ୍ଲାକୁ ବହୁ ପର୍ଯ୍ୟଟକ ସହ ପ୍ରତ୍ୟହ ହଜାର ହଜାର ଯାତ୍ରୀ ଆସୁଛନ୍ତି ହେଲେ ବସ୍ କୁ ଅପେକ୍ଷା କରୁଥିବା ଯାତ୍ରୀ ଙ୍କ ପାଇଁ ବିଶ୍ରାମଗାର ଟିଏ ନଥିବା ହେତୁ ଯା ତା ଦୋକାନ ବାରଂବା ବାହାରେ ହନ୍ତସନ୍ତ ହେଉଛନ୍ତି । ସଦର ମହକୁମାର ପୁରୁଣା ବସଷ୍ଟାଣ୍ଡ ର ଦୁରାବସ୍ଥା ଦେଖି କ୍ଷୋଭ ପ୍ରକାଶ ମଧ୍ୟ କରୁଛନ୍ତି। ଅନ୍ୟ ପକ୍ଷରେ ସୋନପୁର ସହର କେନ୍ଦ୍ର ସ୍ଥଳୀରେ ଉକ୍ତ ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବାପାଇଁ ଜମି ଅଧିଗ୍ରହଣ ହୋଇ ସେଠାରେ ଥିବା ଭୀମଭୋଇ କଳା ମଣ୍ଡପ,ପୁରୁଣା ଟାଉନ୍ ହଲ୍ ସହ କିଛି କିଓସ୍କ ର ଷ୍ଟଲ ସବୁ ଭଙ୍ଗା ସରିଛି ଓ ବସଷ୍ଟାଣ୍ଡ ପାଇଁ ଫଣ୍ଡ ମଧ୍ୟ ରହିଛି । ହେଲେବି ଆରମ୍ଭ ପାଇଁ ଅସୁବିଧା ଯେ କେଉଁଠି ରହିଛି ଏହାର ଉତ୍ତର ମଧ୍ୟ କାହାପାଖରେ ନାହିଁ। ଏହିଠାରେ ହିଁ ଅତ୍ୟାଧୁନିକ ନୂତନ ବସଷ୍ଟାଣ୍ଡ ନେଇ ସହର ବାସୀ ଉତ୍ସାହିତ ଓ ଆଶାବାଦୀ ଅଛନ୍ତି। ଏହି ନୂତନ ବସଷ୍ଟାଣ୍ଡ ପାଇଁ ୩.୩୪ ଏକର ଜମି ଓଡ଼ିଶା ରାଜ୍ୟ ସଡ଼କ ପରିବହନଙ୍କୁ ହସ୍ତାନ୍ତରିତ କରାଯାଇଛି। ତେବେ ନୂତନ ବସଷ୍ଟାଣ୍ଡ ନେଇ ଟାଉନ ହଲ,ଭୀମ ଭୋଇ କଳା ମଣ୍ଡପ, ବିଶ୍ରାମ ଗାର ଉଚ୍ଛେଦ ହୋଇଛି ତା ସଙ୍ଗେ ସଙ୍ଗେ କେତେକ ଷ୍ଟଲ ମାଲିକ ମଧ୍ୟ ନିଜ ପକ୍ଷରୁ ଷ୍ଟଲ ଛାଡି ଦେଇ ଥିବାରୁ ଷ୍ଟଲ ଭଙ୍ଗା ଯାଇଛି । ନୂତନ ବସଷ୍ଟାଣ୍ଡ ନେଇ ଟେଣ୍ଡର କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଛି। ଏହି ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ରାଜନୈତିକ ନେତୃବୃନ୍ଦ ଓ ଜିଲ୍ଲା ପ୍ରଶାସନ ଠୋସ ପଦକ୍ଷେପ ନେବାକୁ ଦାବି ହେଉଛି। ପ୍ରକାଶ ଯୋଗ୍ୟ ଯେ ଏଠାରେ ହିଁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୃଥକ ପୃଥକ ଭାବେ ପୌର ସଂସ୍ଥାର ସମସ୍ତ କାଉନସିଲର ,ଜିଲ୍ଲା ବଣିକ ସଂଘ, ବେସରକାରୀ ବସ୍ ମାଲିକ ସଂଘ ଓ ବୁଦ୍ଧିଜୀବିମାନେ ଜିଲ୍ଲାପାଳ ଙ୍କୁ ଭେଟି ସେମାନଙ୍କର ଦାବିପତ୍ର ଦେଇଛନ୍ତି ତେବେ ମଧ୍ୟ ପ୍ରଶାସନିକ ସ୍ଥରରେ କିଛିବି ପଦକ୍ଷେପ ନନେବା ଯୋଗୁଁ ଏବେ ଜନ୍ ଅସନ୍ତୋଷ ଦାନା ବାନ୍ଧୁଛି। ଆଗାମୀ ଏକମାସ ମଧ୍ୟରେ ଯଦି ନୂତନ ବସଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ନହୁଏ ତାହେଲେ ସରକାର ଏକ ବିରାଟ ଜନ ଆନ୍ଦୋଳନର ସାମ୍ନା କରିବେ ବୋଲି ବହୁ ସଚେତନ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

## ସାହାରପଡ଼ା ବ୍ଲକରେ ପେସା ଆଇନ ସଚେତନତା ଶିବିର

**ପାଟଣା,(ନିପ୍ର):** ସାହାରପଡା ବ୍ଲକ ସଭାଗୃହ ଠାରେ ପେସା ଆଇନ ଓ ଜଙ୍ଗଲ ଜମି ଅଧିକାର ଆଇନ ସମ୍ବନ୍ଧରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଥାଉକି ବିଜେପି ସରକାର ନିର୍ବାଚନୀ ଇସ୍ତାହାରରେ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମାନଙ୍କୁ ଜଙ୍ଗଲଜମି ଶିରୋନାମା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଆସନ୍ତା କାଲି ନଭେମ୍ବର ୧୫ତାରିଖ ସହିଦ ବିର୍ସାମୁଣ୍ଡାଙ୍କ ଜନ୍ମ ଦିନ ଠାରୁ ସାରା ଦେଶ ରେ ଆଦିବାସୀ ଅଧ୍ୟୁଷିତ ଗ୍ରାମ ମାନଙ୍କରେ ସ୍ୱତନ୍ତ୍ର ପଲ୍ଲୀ ସଭାର ଆୟୋଜନ କରାଯାଇଛି । ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଗ୍ରାମ ଗୁଡିକରେ ଅତିକମରେ ୫୦ ଜଣଙ୍କୁ ପେସା ଆଇନ ଓ ଜଙ୍ଗଲ ଜମି ଅଧିକାର ଉପରେ ସଚେତନ କରାଯିବ। ସେଥିରେ ଯେଉଁମାନେ ତାଲିମ ପ୍ରଦାନ କରିବେ ସେହି ତାଲିମଦାତା ମାନଙ୍କୁ ଆଜି ପ୍ରଶିକ୍ଷଣ ଦିଆଯାଇଥିଲା। ତାଲିମ ଦାତା ଭାବେ ଏଫଇଏସ ସଂସ୍ଥାର ଅଙ୍ଗଦ ମହାନ୍ତ ଏବଂ ଷ୍ଟାର ସଂସ୍ଥାର କେଦାର ନାଥ ଆରୁକ ତାଲିମ ପ୍ରଦାନ କରିଥିଲେ। ବ୍ଲକର ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଅନ୍ତର୍ଯ୍ୟାମୀ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଡ଼ିଓ ରଣଜିତ ମହାନ୍ତ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରିଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ଦେବଦର୍ଶିନୀ ପଟ୍ଟନାୟକ ଓ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପଲେଇ ପ୍ରମୁଖ ଜଙ୍ଗଲ ଜମି ସମ୍ବନ୍ଧରେ ସମ୍ୟକ ଧାରଣା ଦେଇଥିଲେ। ସିପିଜିପିଡିପି ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ।




## ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା



**ସମ୍ବଲପୁର,(ନିପ୍ର):** ସମ୍ବଲପୁର କଚେରିସ୍ଥିତ ଜିଲା ଜୁଡୋ ହଲଠାରେ ସମ୍ବଲପୁର ଜିଲା କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଲୋକସଭା ସାଂସଦ ପ୍ରତିନିଧି ନାଉରି ନାଏକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମ୍ବଲପୁରର କୁସ୍ତି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଏବଂ କୁସ୍ତି ବିଜୟୀ ପ୍ରତିଯୋଗୀମାନଙ୍କୁ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିରେ ୩୪ ଜଣ ପ୍ରତିଯୋଗୀ ବିଜୟ ଲାଭ କରି ଆସନ୍ତା ୧୯ ଓ ୨୦ ତାରିଖ ଦିନ କଟକସ୍ଥିତ ବାରବାଟୀ ଷ୍ଟାଡିୟମଠାରେ ହେବାକୁ ଥିବା ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପୁଷ୍ପାଞ୍ଜଳି ସାହୁ ଖେଳ ପରିଚାଳନା କରିଥିବା ବେଳେ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ବିଚାରକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଆଶିଷ କୁମାର ସାହୁ ଓ ତମନ୍ନା ଗୋପ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସମ୍ମାନିତ ଅତିଥିଭାବେ ଲଜପତ ରାଏ ଆଇନ ମହାବିଦ୍ୟାଳୟ ଅଧକ୍ଷ ଡ. ବିଜୟାନନ୍ଦ ବେହେରା, ଡା. ପ୍ରତ୍ୟୁଷ ରଞ୍ଜନ ବିଶି(ଭିମସାର), ଡ. ସରୋଜ ପଧାନ(ଭିସୁଟ), ଡ. ପୀତାମ୍ବର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରଶିକ୍ଷକ ସ୍ୱାଗତ କୁମାର ଘଡାଇ, ସଞ୍ଜୀବ ପଟ୍ଟନାୟକ, ସ୍ନିଗ୍ଧା ଭାଜି ଓ ଲକ୍ଷ୍ମଣ କୁମାର ମେହେର, ଗିନଗର ମେହେର ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ବନାଗ୍ନି ନିରାକରଣ ଓ ପ୍ରତିରୋଧ ବୈଠକ



**ଫୁଲବାଣୀ,(ନିପ୍ର):** ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କୁ ଜଙ୍ଗଲ ନିଆଁରୁ ରକ୍ଷା କରିବା ପାଇଁ ସରକାର ଅଗ୍ନି ଅସୁରକ୍ଷିତ ସ୍ଥାନଗୁଡ଼ିକୁ ଚିହ୍ନଟ କରିବା ପାଇଁ ବିଭିନ୍ନ ବିଭାଗ ସହିତ ସର୍ବୋତ୍ତମ ସମନ୍ୱୟ ରକ୍ଷା କରିବାକୁ ସ୍ଥିର କରିଛନ୍ତି ଏବଂ ଆଗକୁ ଆସୁଥିବା ଅଗ୍ନିକାଣ୍ଡ ଘଟଣାରେ ଜଙ୍ଗଲରେ ନିଆଁକୁ ରୋକିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି ଯାହା କନ୍ଧମାଳ ଜିଲ୍ଲାରେ ଜାନୁଆରୀ ୨୦୨୫ ରୁ ଜୁନ୍, ୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏହି କ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ବନାଗ୍ନି ନିରାକରଣ ଓ ପ୍ରତିରୋଧ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଗ୍ନି ଅସୁରକ୍ଷିତ ଅଞ୍ଚଳର ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଲୋକମାନଙ୍କୁ ସଚେତନ କରିବା ନିହାତି ଆବଶ୍ୟକ। ଏହି ଜଙ୍ଗଲ ସେମାନଙ୍କର ଏବଂ ସେମାନେ ଭବିଷ୍ୟତରେ ଏଥିରୁ ଲାଭବାନ ମଧ୍ୟ ହୋଇପାରିବେ ଯଦି ଜଙ୍ଗଲ ରହିଥିବ। ପୋଡୁ ଚାଷ ନ କରି ଯେଉଁ ଜମିରେ ସେ ଚାଷ କରୁଛନ୍ତି ସେଥିରୁ ଦୁଇଟା ଫସଲ ଅମଳ କରିବାକୁ ସେମାନଙ୍କୁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ କହିଥିଲେ। ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ୍ କହିଲେ, ଏହି ଜିଲ୍ଲାରେ ଅଧିକାଂଶ ଲୋକ ଗଛ କାଟିବା ଓ ପୋଡୁ ଚାଷ କରିବା ଦ୍ୱାରା ଜିଲ୍ଲାର ଜଙ୍ଗଲ ସମ୍ପଦ ହ୍ରାସ ପାଉଛି। ତେବେ, ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ଏବଂ ଏ ଦିଗରେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଗୁଡ଼ିକ ଉଦ୍ୟମରେ ଚଳିତ ବର୍ଷ ଗତ ବର୍ଷ ତୁଳନାରେ ସମ୍ବେଦନଶୀଳ ଅଗ୍ନିକାଣ୍ଡ ପଏଣ୍ଟ କମ୍ ଥିବା ଜଣାପଡ଼ିଛି। ୨୦୨୫ ମସିହାରେ ଜଙ୍ଗଲ ନିଆଁ ମୁକ୍ତ କନ୍ଧମାଳ ଜିଲ୍ଲା ପାଇଁ ପ୍ରତିଷେଧକ ବ୍ୟବସ୍ଥା ପାଇଁ ପ୍ରଚେଷ୍ଟା କରାଯିବ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀ ପଟେଲ କହିଥିଲେ। ସେହିପରି ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ଶ୍ରୀ ବିଶ୍ୱରାଜ୍ ପଣ୍ଡା କହିଲେ, ଚାଷ ପାଇଁ ଗଛ କାଟି ନିଆଁ ଲଗାଇଦେଲେ ସେମାନଙ୍କର ଲାଭ ବଦଳରେ କ୍ଷତି ହେଉଛି ବୋଲି ସେମାନେ ଜାଣିପାରୁନାହାଁନ୍ତି। ସେଥିପାଇଁ ଅଗ୍ନି ଅସୁରକ୍ଷିତ ଅଞ୍ଚଳର ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଲୋକମାନଙ୍କୁ ସଚେତନ କରିବା ନିହାତି ଆବଶ୍ୟକ। ସମ୍ବେଦନଶୀଳ ଅଗ୍ନିକାଣ୍ଡ ପଏଣ୍ଟ ଗୁଡ଼ିକରେ ବାରମ୍ବାର ବୈଠକ କରି ନିଆଁ ନ ଲଗାଇଲେ ସେମାନଙ୍କର କ'ଣ ସବୁ ଲାଭ ହେବ ସେ ବିଷୟରେ ସ୍ଥାନୀୟ ଲୋକମାନଙ୍କୁ ବୁଝାଇବାକୁ ଶ୍ରୀ ପଣ୍ଡା ପରାମର୍ଶ ଦେଇଥିଲେ। ବନବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ଭାବେ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାବେ କାର୍ଯ୍ୟକରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ପାହାଡ, ବନବାସୀ ସେବା ସମିତି ଇତ୍ୟାଦିର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ, ସବୁଜ ପ୍ରେମୀ ଏବଂ ବନ ସୁରକ୍ଷା ସମିତିର ସଭାପତିମାନେ ସେମାନଙ୍କର ମତ ରଖିବା ସହିତ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ ଯାହା ବନ ବିଭାଗର ଆକ୍ସନ୍ ପ୍ଲାନ୍‌ରେ ସ୍ଥାନ ପାଇବ। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଜନ ପ୍ରତିନିଧିମାନଙ୍କ ପର୍ଯ୍ୟନ୍ତ ଏବଂ ବନ ବିଭାଗ ସମେତ ପ୍ରତ୍ୟେକ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣ ମାଧ୍ୟମ ସମସ୍ତଙ୍କର ସହଯୋଗରେ ଜଙ୍ଗଲ ନିଆଁକୁ ରୋକାଯାଇପାରିବ। ସେ ନିଆଁ ସ୍ୱାର୍ଥ ହାସଲ ପାଇଁ ଲାଗିଥାଉ କିମ୍ବା ଖଳ ପ୍ରକୃତିର ଲୋକମାନଙ୍କ ଦ୍ୱାରା ଲଗାଯାଇଥାଉ ତାକୁ ଲିଭାଇବା ପାଇଁ ସମସ୍ତଙ୍କର ମିଶନ ହେଉ ବୋଲି ସମସ୍ତେ ମତ ରଖିଥିଲେ। ଫୁଲବାଣୀ ଫରେଷ୍ଟ ଡିଭିଜନର ସହକାରୀ ବନ ସଂରକ୍ଷକ ଶ୍ରୀମତୀ ଶ୍ୱେତାଲିନା ସାହୁ ପାୱାର ପଏଣ୍ଟ ମାଧ୍ୟମରେ ଜଙ୍ଗଲରେ ନିଆଁ ଲାଗିବାର ମୁଖ୍ୟ କାରଣ, ଜଙ୍ଗଲ ନିଆଁର ପ୍ରଭାବ, କେଉଁ କେଉଁ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ପ୍ରତିବର୍ଷ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଜଙ୍ଗଲରେ ନିଆଁ ଲଗାଯାଉଛି ସେଗୁଡ଼ିକର ତାଲିକା, ତା'ର ନିରାକରଣ ଓ ପ୍ରତିରୋଧ ପାଇଁ ବିଭିନ୍ନ ବିଭାଗର ଦାୟିତ୍ୱ, ଏବଂ ୨୦୨୫ ମସିହାରେ ଜଙ୍ଗଲ ନିଆଁ ମୁକ୍ତ କନ୍ଧମାଳ ଜିଲ୍ଲା ପାଇଁ ପ୍ରଚେଷ୍ଟା ଉପରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ, ବନଖଣ୍ଡ ଅଧିକାରୀ(କେନ୍ଦୁ ଲିଫ୍) ଶରତ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀଙ୍କ ସମେତ ଫୁଲବାଣୀ ଓ ବାଲିଗୁଡ଼ା ବନଖଣ୍ଡର ଅଧିକାରୀ, ସ୍ୱେଚ୍ଛାସେବୀ ଭାବେ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାବେ କାର୍ଯ୍ୟକରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ, ସବୁଜ ପ୍ରେମୀ ଏବଂ ବନ ସୁରକ୍ଷା ସମିତିର ସଭାପତି ଓ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଦ୍ୱିତୀୟ ଇନିଂସରେ ଦୃଢ଼ ସ୍ଥିତିରେ ଟିମ୍ ଇଣ୍ଡିଆ



**ପର୍ଥ,୨୩।୧୧:** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚରେ ଜାରି ରହିଛି ରୋମାଞ୍ଚ। ପ୍ରଥମ ପାଳିରେ ଉଭୟ ଅଷ୍ଟ୍ରେଲୀୟ ଓ ଭାରତୀୟ ବ୍ୟାଟର ପିଚରେ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା। ହେଲେ ଆଜି ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ଭାରତର ଦୁଇ ଓପନର କେ.ଏଲ୍ ରାହୁଲ ଓ ଜସଶ୍ୱୀ ଜୈସୱାଲ କମାଲ କରିଛନ୍ତି। ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ କୌଣସି ୱିକେଟ୍ ନହରାଇ ୧୭୨ ରନ ହାସଲ କରିଛି। ଏହା ସହିତ କଙ୍ଗାରୁ ଦଳଠାରୁ ୨୧୮ ରନ୍ ଲିଡ୍ ନେଇଛି ବୁମ୍ରା ବାହିନୀ। ବହୁ ପ୍ରତିକ୍ଷୀତ ବର୍ଡର ଗାଭାସ୍କର ଟ୍ରଫିର ପ୍ରଥମ ଦିନ ଖେଳ ଭାରତୀୟ ଦର୍ଶକଙ୍କୁ ଆରମ୍ଭରୁ ନିରାଶ କରିଥିଲା। ଓପନର ଜୈସୱାଲ ଓ ପାଡିକ୍କଲ୍ ଖାତା ଖୋଲିବାକୁ ସକ୍ଷମ ହୋଇନଥିବାବେଳେ କୋହଲି କେବଳ ୫ ରନ କରି ଆଉଟ୍ ହୋଇଥିଲେ। କେ.ଏଲ୍ ରାହୁଲ (୨୬), ଋଷଭ ପନ୍ତ (୩୭) ଓ ନୀତୀଶ ରେଡ୍ଡୀ (୪୧)ଙ୍କ ସହିତ ଅନ୍ୟ ଛୋଟମୋଟ ଭାଗିଦାରୀ ବଳରେ ଭାରତ କେବଳ ୧୫୦ ରନ୍ କରି ସମସ୍ତ ୱିକେଟ ହରାଇଥିଲା। ହେଲେ ଏହାପରେ ଭାରତୀୟ ବୋଲର ମଧ୍ୟ କମାଲ କରିଥିଲେ। ଭାରତ ପାଇଁ କାମଚଳା ଅଧିନାୟକ ବୁମ୍ରା ସର୍ବାଧିକ ୪ ୱିକେଟ ନେଇ କଙ୍ଗାରୁ ଦଳକୁ ବିପର୍ଯ୍ୟୟକୁ ଠେଲି ଦେଇଥିଲେ। ବୁମ୍ରାଙ୍କୁ ଅନ୍ୟ ସାଥି ବୋଲରମାନେ ମଧ୍ୟ ଭରପୁର ସାଥ ଦେଇଥିଲେ। ସିରାଜ ୨ଟି ଓ ରାଣା ଗୋଟିଏ ସଫଳତା ହାସଲ କରିଥିଲେ। ଏହା ସହିତ ପ୍ରଥମ ଦିନ ଅଷ୍ଟ୍ରେଲିଆ ୬୭ ରନ୍ ପାଇଁ ୭ ୱିକେଟ ହରାଇଥିଲା। ଆଜି ଦ୍ୱିତୀୟ ଦିନ ଖେଳ ଆରମ୍ଭରୁ ବି ଭାରତୀୟ ବୋଲର ନିଜର ଦବଦବା ଜାରି ରଖିଥିଲେ। ରାଣା ୨ଟି ଓ ବୁମ୍ରା ଅବଶିଷ୍ଟ ଗୋଟିଏ ୱିକେଟ ଖସାଇ ଅଷ୍ଟ୍ରେଲିଆର ପାଳି ଶେଷ କରିଥିଲେ। ଏହି ପାଳିରେ ଅଷ୍ଟ୍ରେଲିଆ ସମୁଦାୟ ୧୦୪ ରନରେ ହିଁ ଅଲ୍ ଆଉଟ୍ ହୋଇଥିଲା। ଭାରତ ପକ୍ଷରୁ ଅଧିନାୟକ ବୁମ୍ରା ସର୍ବାଧିକ ୫ଟି ୱିକେଟ ହାସଲ କରିଥିବାବେଳେ ଭାରତ ପାଇଁ ପ୍ରଥମ ଟେଷ୍ଟ ଖେଳୁଥିବା ହର୍ଷିତ ରାଣା ତିନୋଟି ଓ ମହମ୍ମଦ ସିରାଜ ଦୁଇଟି ୱିକେଟ ହାସଲ କରିଥିଲେ।

ଏହାପରେ ଭାରତ ୪୬ ରନ୍ ଆଗରେ ରହି ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିଲା। ଓପନର କେ.ଏଲ୍ ରାହୁଲ ଓ ଜୈସ୍ୱାଲ ବେଶ ଆକ୍ରାମକ ଅନ୍ଦାଜରେ ଖେଳ ଆରମ୍ଭ କରିଥିଲେ। ପ୍ରଥମ ପାଳିରେ ବୋଲରଙ୍କୁ ସୁହାଇଲା ଭଳି ଲାଗୁଥିବା କ୍ରିଜରେ ଉଭୟ ଭାରତୀୟ ବ୍ୟାଟର ବେଶ୍ ବୁଝିଶୁଝି ବ୍ୟାଟିଂ କରିଥିଲେ। ତେବେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଜୈସ୍ୱାଲ ୯୦ ଓ ରାହୁଲ ୬୨ ରନ୍ କରି କ୍ରିଜରେ ମହଜୁଦ ଅଛନ୍ତି। ଭାରତ ଦ୍ୱିତୀୟ ପାଳିରେ ୧୭୨ ରନ ହାସଲ କରି ମ୍ୟାଚରେ ଘରୋଇ ଦଳଠାରୁ ୨୧୮ ରନରେ ଆଗୁଆ ରହିଛି।

## ବୁମ୍ରା ଜଣେ ମହାନ ବୋଲର



**ପର୍ଥ,୨୩।୧୧:** ପର୍ଥରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ଖେଳାଯାଉଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରି ଭାରତୀୟ ଦଳ ୧୫୦ ରନରେ ଅଲଆଉଟ ହେବା ପରେ ଅଷ୍ଟ୍ରେଲିଆ। ଦଳ ଏହାର ପ୍ରଥମ ଇନିଂସରେ ୧୦୪ ରନରେ ଅଲଆଉଟ୍ ହୋଇଛି। ଫଳରେ ଭାରତ ପ୍ରଥମ ଦିନରେ ୪୬ ରନରେ ଆଗୁଆ ରହିଛି। ମ୍ୟାଚର ପ୍ରଥମ ଦିନରେ ବୁମରା ତାଙ୍କ ଅଧିନାୟକତ୍ୱ ଏବଂ ବୋଲିଂ ସହିତ ସମସ୍ତଙ୍କୁ ଦିୱାନା କରିଦେଇଥିଲେ। ବୁମ୍ରାଙ୍କ ଏହି ପ୍ରଦର୍ଶନ ଦେଖି ତାଙ୍କ ସ୍ତ୍ରୀ ସଞ୍ଜନା ଗଣେଶନ ଖୁସି ବ୍ୟକ୍ତ କରିଛନ୍ତି। ସଞ୍ଜନା ଇନଷ୍ଟାଗ୍ରାମରେ ଷ୍ଟାଟସ ପୋଷ୍ଟ କରି ବୁମ୍ରାଙ୍କୁ ପ୍ରଶଂସା କରିଥିଲେ, କିନ୍ତୁ ପ୍ରଶଂସା କରିବା ସମୟରେ ସେ ଭାବପ୍ରବଣ ହୋଇଯାଇଥିଲେ। ସେ ତାଙ୍କ ଷ୍ଟାଟସ ସହିତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲେ। ସଞ୍ଜନା ବୁମରାଙ୍କ ଫଟୋ ଶେୟାର କରି ତାଙ୍କୁ ଜଣେ ମହାନ ବୋଲର ବୋଲି କହିଥିଲେ।

## ଜରୁରୀ ବୈଠକ ଡାକିଲା ଆଇସିସି

**ନୂଆଦିଲ୍ଲୀ,୨୩।୧୧:** ଆଇସିସି ଋମ୍ପିୟନ୍ସ ଟ୍ରଫିକୁ ନେଇ ଜାରି ରହିଥିବା ଅନିଶ୍ଚିତତା ମଧ୍ୟରେ ଆଇସିସି ବଡ଼ ପଦକ୍ଷେପ ନେଇଛି। ଋମ୍ପିୟନ୍ସ ଟ୍ରଫିର ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଆଇସିସି ପକ୍ଷରୁ ଡକାଯାଇଛି ଜରୁରୀ ବୈଠକ। ଆସନ୍ତା ୨୬ ତାରିଖରେ ଆଇସିସି ଅଧ୍ୟକ୍ଷତାରେ ଋମ୍ପିୟନ୍ସ ଟ୍ରଫି ବୈଠକ ବସିବ।

ଏହି ବୈଠକରେ ଋମ୍ପିୟନ୍ସ ଟ୍ରଫି ପାଇଁ ଯୋଗ୍ୟତା ଅର୍ଜନ କରିଥିବା ସବୁ ରାଷ୍ଟ୍ରର ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ବିସିସିଆଇ ଓ ପାକିସ୍ତାନ କ୍ରିକେଟ ବୋର୍ଡର ଅଧିକାରୀ ମଧ୍ୟ ବୈଠକକୁ ଆସିବେ। ପାକିସ୍ତାନରେ ଋମ୍ପିୟନ୍ସ ଟ୍ରଫି ଆୟୋଜନ ହେଉଥିବାରୁ ସେଠାକୁ ଟିମ ପଠାଇବାକୁ ବିସିସିଆଇ ମନା କରିଦେଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ରାଜନୀତିକ ତିକ୍ତତା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ହେଲେ ଏହାକୁ ପାକିସ୍ତାନ ଗ୍ରହଣ କରିବାକୁ ନାରାଜ। ପାକିସ୍ତାନ ବଦଳରେ ଭାରତର ନିରପେକ୍ଷ ଭେନ୍ୟୁରେ ମ୍ୟାଚ୍ ଖେଳିବାକୁ ଋହୁଁଛି। କିନ୍ତୁ ପାକିସ୍ତାନ ନିଜ ଦେଶରୁ ଗୋଟିଏ ବି ମ୍ୟାଚ୍ ବାହାରେ ଖେଳାଯିବା ସପକ୍ଷରେ ନାହିଁ।

ଏହାକୁ ନେଇ ଋମ୍ପିାନ୍ସ ଟ୍ରଫି ଆୟୋଜନକୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଛି। ସ୍ଥିତି ଦିନକୁ ଦିନ ବିଗୁଡୁ ଥିବାରୁ ଆଇସିସି ପକ୍ଷରୁ ଜରୁରୀ ବୈଠକ ଡକାଯାଇଛି। ବୈଠକରେ ମୁଖ୍ୟତଃ ୫ଟି ପ୍ରସଙ୍ଗରେ ଆଲୋଚନା ହେବ।

ଋମ୍ପିୟନ୍ସ ଟ୍ରଫିରେ ଭାରତର ମ୍ୟାଚ ଗୁଡ଼ିକର ଭବିଷ୍ୟତ କ'ଣ ହେବ? ନିରପେକ୍ଷ ଭେନ୍ୟୁରେ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ଆୟୋଜନ। ଯଦି ପାକିସ୍ତାନ ହାଇବ୍ରିଡ ମଡେଲକୁ ବିରୋଧ କରିବ, ତା'ହେଲେ କ'ଣ ପଦକ୍ଷେପ ନିଆଯିବ? ପୂରା ଋମ୍ପିୟନ୍ସ ଟ୍ରଫିକୁ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତର ଓ ପାକିସ୍ତାନ ବିନା ଋମ୍ପିୟନ୍ସ ଟ୍ରଫି ଆଦି ପ୍ରସଙ୍ଗରେ ଆଲୋଚନା ହେବାର ଅଛି। ବୈଠକରେ ଆଇସିସି ଦୁଇ ପକ୍ଷ ଅର୍ଥାତ ବିସିସିଆଇ ଓ ପିସିବି ମଧ୍ୟରେ ବୁଝାମଣା କରିବାକୁ ଚେଷ୍ଟା କରିବ। ଏଥିସହ ଦୁଇ ବୋର୍ଡ ଉଠାଉଥିବା ସମସ୍ୟାର ସମାଧାନ ସହ ବିକଳ୍ପ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦେବ। ଏହାବାଦ ହାଇବ୍ରିଡ ମଡେଲ ପ୍ରସ୍ତାବ ଉପରେ ଆଲୋଚନା କରିବ ବୋଲି ଜଣାପଡ଼ିଛି।

## ମ୍ୟାକକୁଲମଙ୍କୁ ପଛରେ ପକାଇ ଜୈସୱାଲ

**ପର୍ଥ,୨୩।୧୧:** ପର୍ଥ ଟେଷ୍ଟରେ ଭାରତର ଦ୍ୱିତୀୟ ପାଳିରେ ଦମଦାର ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଭାରତର ଯୁବ ଓପନର ଯଶସ୍ୱୀ ଜୈସୱାଲ। ପ୍ରଥମ ପାଳିରେ ଖାତା ଖୋଲି ପାରିନଥିବା ଜୈସୱାଲ ଦ୍ୱିତୀୟ ପାଳିରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ସେ ୧୯୩ ବଲରୁ ୭ ଚୌକା ଓ ଦୁଇଟି ଛକା ସହିତ ୯୦ ରନର ଅପରାଜିତ ପାଳି ଖେଳି କ୍ରିଜରେ ମହଜୁଦ ରହିଛନ୍ତି। ତେବେ ଏହି ପାଳିରେ ସେ ଏକ ବିଶ୍ୱ ରେକର୍ଡ ମଧ୍ୟ ନିଜ ନାଁରେ କରିବାରେ ସକ୍ଷମ ହୋଇଛନ୍ତି।

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ଜୈସୱାଲ ଖାତା ମଧ୍ୟ ଖୋଲିବାକୁ ସକ୍ଷମ ହୋଇନଥିଲେ। ହେଲେ ଦ୍ୱିତୀୟ ପାଳିରେ ତାଙ୍କର ଚମତ୍କାର କମବ୍ୟାକ୍ ସମସ୍ତଙ୍କୁ ପ୍ରଭାବିତ କରିଛି। ଏହି ପାଳିରେ ସେ ଦୁଇଟି ଲମ୍ବା ଛକା ମାରି ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଟେଷ୍ଟ କ୍ରିକେଟରେ ସର୍ବାଧିକ ଛକା ମାରିଥିବା ବ୍ୟାଟର ହୋଇପାରିଛନ୍ତି। ଏହି ରେକର୍ଡ ହାସଲ କରିବା ପାଇଁ ନ୍ୟୁଜିଲ୍ୟାଣ୍ଡର ପୂର୍ବତନ କ୍ରିକେଟର ବ୍ରେଣ୍ଡନ ମ୍ୟାକକୁଲମଙ୍କୁ ପଛରେ ପକାଇଛନ୍ତି ଜୈସୱାଲ। ମ୍ୟାକକୁଲମ ୨୦୧୪ରେ ୯ଟି ଟେଷ୍ଟ ମ୍ୟାଚ୍ ଖେଳି ୩୩ଟି ଛକା ସହ ଏହି ରେକର୍ଡ ନିଜ ନାଁରେ ରଖିଥିଲେ। ହେଲେ



୨୦୨୪ରେ ନିଜର ୧୨ଶ ମ୍ୟାଚ୍ ଖେଳୁଥିବା ଜୈସୱାଲ ଆଜିର ଦୁଇଟି ଛକା ସହ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଏପର୍ଯ୍ୟନ୍ତ ୩୪ଟି ଛକା ମାରି ସାରିଛନ୍ତି।

ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଟେଷ୍ଟ କ୍ରିକେଟରେ ସର୍ବାଧିକ ଛକା ମାରିଥିବା ବ୍ୟାଟର ହେଲେ ଯଶସ୍ୱୀ ଜୈସୱାଲ (ଭାରତ)- ୩୪ ଛକା (୨୦୨୪), ବ୍ରେଣ୍ଡନ ମ୍ୟାକକୁଲମ (ନ୍ୟୁଜିଲ୍ୟାଣ୍ଡ) - ୩୩ (୨୦୧୪), ବେନ ଷ୍ଟୋକ୍ସ (ଇଂଲଣ୍ଡ) - ୨୬ (୨୦୨୨), ଏଡମ ଗିଲକ୍ରିଷ୍ଟ (ଅଷ୍ଟ୍ରେଲିଆ) - ୨୨ (୨୦୦୫), ବୀରେନ୍ଦ୍ର ସେହୱାଗ (ଭାରତ) - ୨୨ (୨୦୦୮), ଏଣ୍ଡ୍ର୍ୟୁ ଫ୍ଲିଣ୍ଟଫ (ଇଂଲଣ୍ଡ) - ୨୧ (୨୦୦୪)।

## କପିଳ ଦେବଙ୍କ ସମକକ୍ଷ ହେଲେ ବୁମ୍ରା

**ପର୍ଥ,୨୩।୧୧:** ଅଷ୍ଟ୍ରେଲିଆରେ ଇତିହାସ ରଚିଲେ ଷ୍ଟିଡଷ୍ଟାର ଜସପ୍ରୀତ ବୁମ୍ରା। ଭାରତୀୟ କାମଚଳା ଅଧିନାୟକଙ୍କ ଘାତକ ବୋଲିଂରେ ପ୍ରଥମ ପାଳିରେ ମାଟି କାମୁଡ଼ିଥିଲେ କଙ୍ଗାରୁ ବ୍ୟାଟର। ତେବେ ପ୍ରଥମ ପାଳିରେ ଅଷ୍ଟ୍ରେଲିଆ ବିପକ୍ଷରେ ୫ ୱିକେଟ ସଫଳତା ହାସଲ କରି ଏକ ବଡ଼ ରେକର୍ଡ କରିଛନ୍ତି ବୁମ୍ରା। ଅଷ୍ଟ୍ରେଲିଆରେ ଏହି ସଫଳତା ସହ ସେ ପୂର୍ବତନ ଭାରତୀୟ ଅଧିନାୟକ କପିଳ ଦେବଙ୍କ ଏକ ରେକର୍ଡର ସମକକ୍ଷ ହୋଇଛନ୍ତି। ପ୍ରଥମ ପାଳିରେ ବୁମ୍ରା ୧୮ ଓଭର ବୋଲିଂ କରି ୩୦ ରନ ବ୍ୟୟରେ ୫ଟି ବହୁମୂଲ୍ୟ ୱିକେଟ ହାସଲ କରିଥିଲେ। ନାଥନ ମ୍ୟାକସ୍ୱିନୀ, ଉସମାନ ଖାଓ୍ୱଜା, ଷ୍ଟେଭ ସ୍ମିଥ, ଆଲେକ୍ସ କ୍ୟାରୀ ଓ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସଙ୍କୁ ଆଉଟ୍ କରି ପାଭିଲିୟନ



ଫେରାଇଥିଲେ ବୁମ୍ରା। ତେବେ ଏହା ହେଉଛି ସେନା ଦେଶ (ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆ)ରେ ବୁମ୍ରାଙ୍କର ସପ୍ତମ ୫ ୱିକେଟ ସଫଳତା। ଏହି ଦେଶ ଗୁଡ଼ିକରେ ସର୍ବାଧିକ ଥର ୫ ୱିକେଟ ସଫଳତା ହାସଲ କରିବା ରେକର୍ଡ କପିଳ ଦେବଙ୍କ ନାଁରେ ରହିଥିଲା, ଯିଏକି ୭ ଥର ଏହି ସଫଳତା ନିଜ ନାଁରେ କରିଥିଲେ। ଆଉ ବୁମ୍ରା ଏବେ କପିଳ ଦେବଙ୍କ ସମକକ୍ଷ ହୋଇସାରିଛନ୍ତି। ଏହି ତାଲିକାରେ ବି.ଏସ୍ ଚନ୍ଦ୍ରଶେଖର (୬ ଥର), ଜାହିର ଖାନ (୬ ଥର), ବିଶାନ ସିଂହ ବେଦୀ (୫ ଥର) ଓ ଅନୀଲ କୁମ୍ବଲେ (୫ ଥର) ରହିଛନ୍ତି।

ଏହା ବ୍ୟତୀତ ବୁମ୍ରା ପଞ୍ଚମ ଭାରତୀୟ ଅଧିନାୟକ ଭାବରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ଏକ ୫ ୱିକେଟ ସଫଳତା ହାସଲ କରିବାରେ ସଫଳ ହୋଇଛନ୍ତି। ଏହା ପୂର୍ବରୁ ଭିନୋ ମଙ୍କଡ, ବିଶାନ ସିଂହ ବେଦୀ, କପିଳ ଦେବ ଓ ଅନୀଲ କୁମ୍ବଲେଙ୍କ ନାଁ ଏହି ତାଲିକାରେ ରହିଛି। ତେବେ ସେନା ଦେଶରେ ଭାରତୀୟ ଦ୍ରୁତ ବୋଲର ଜସପ୍ରୀତ ବୁମ୍ରା ଏପର୍ଯ୍ୟନ୍ତ ୨୭ ଟେଷ୍ଟ ମ୍ୟାଚ୍ ଖେଳି ୧୧୮ ୱିକେଟ୍ ହାସଲ କରିଛନ୍ତି।

## ପୂର୍ବାଞ୍ଚଳ ଜୋନ୍ ହକି: ସମ୍ବଲପୁର ଓ କିଟ୍‌କୁ ଯୋଗ୍ୟତା

**ରାଉରକେଲା,୨୩।୧୧:** ପୂର୍ବାଞ୍ଚଳ ଜୋନର ଶ୍ରେଷ୍ଠ ୪ ଦଳ ଭିତରେ ରହି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ହକି ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଇତିହାସରେ ପ୍ରଥମଥର ପାଇଁ ଓଡ଼ିଶାର ଦୁଇଟି ଦଳ ସର୍ବଭାରତୀୟ ପୁରୁଷ ହକି ପ୍ରତିଯୋଗିତାରେ ଭାଗନେବେ। ଏହି ପ୍ରତିଯୋଗିତା ଡିସେମ୍ବର ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଗୁରୁକୁଳ କାଙ୍ଗ୍ରୀ ବିଶ୍ୱବିଦ୍ୟାଳୟ (ହରିଦ୍ୱାର)ରେ ଅନୁଷ୍ଠିତ ହେବ। ଏହି ଦୁଇ ଓଡ଼ିଶା ଦଳ ବ୍ୟତୀତ ମହାତ୍ମାଗାନ୍ଧୀ କାଶୀ ବିଦ୍ୟାପୀଠ (ବାରଣାସୀ) ଓ ବୀର ବାହାଦୂର ସିଂହ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ (ଉତ୍ତରପ୍ରଦେଶ) ମଧ୍ୟ ସର୍ବଭାରତୀୟ ଯୋଗ୍ୟତା ହାସଲ କରିଛନ୍ତି। ଶନିବାରଠାରୁ ଏହି ୪ ଦଳ ଶୀର୍ଷ ସ୍ଥାନ ପାଇଁ ପରସ୍ପର ମଧ୍ୟରେ ମୁହାଁମୁହିଁ ହେବେ। ଏହା ପୂର୍ବରୁ ସ୍ଥାନୀୟ ପାନପୋଷ କ୍ରୀଡ଼ା ଛାତ୍ରାବାସ ପଡ଼ିଆରେ ଅନୁଷ୍ଠିତ ପୂର୍ବାଞ୍ଚଳ ଜୋନ୍ ଅନ୍ତଃବିଶ୍ୱବିଦ୍ୟାଳ। ମହିଳା ହକି ପ୍ରତିଯୋଗିତାରେ ମଧ୍ୟ ସମ୍ବଲପୁର ଓ କିଟ୍ ଦଳ ସର୍ବଭାରତୀୟ ଯୋଗ୍ୟତା ଅର୍ଜନ କରିଥିଲେ।

ଶୁକ୍ରବାର ଖେଳିଥିବା ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏକତରଫାଭାବେ ୯-୨ ଗୋଲରେ ସନ୍ତ ଗହୀର ଗୁରୁ ବିଶ୍ୱବିଦ୍ୟାଳୟ (ଅମ୍ବିକାପୁର)କୁ ପରାସ୍ତ କରିଥିଲା। ସମ୍ବଲପୁର ଦଳ ମ୍ୟାଚର ପ୍ରଥମ ମିନିଟ୍‌ରୁ ଆକ୍ରାମକ ଶୈଳୀ ଆପଣାଇଥିଲା। ମ୍ୟାଚର ଦ୍ୱିତୀୟ ମିନିଟରେ ଆର୍ଯ୍ୟନ ଖେସ୍ ଏକ ଆକର୍ଷଣୀୟ ଫିଲ୍ଡଗୋଲ୍ ଦେଇ ଦଳକୁ ୧-୦ ଗୋଲରେ ଆଗୁଆ କରିଥିଲେ। ଏହାପରେ ଦଳୀୟ ଖେଳାଳି ଗୋଟିଏପରେ ଗୋଟିଏ ଗୋଲ୍ ସ୍କୋର୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ମଣ୍ଡଳ ଦୁଇଟି (୬ ଓ ୨୫ ମିନିଟ୍), ଅନମୋଲ ଏକ୍କା (୪), ପ୍ରତାପ ଟପ୍ପୋ (୧୪), ରାଜକୁମାର ମିଞ୍ଜ (୨୦), ବିକାଶ ଲାକ୍ରା (୨୬) ପଓ୍ୱନ ଯାଦବ (୨୮) ଓ ଅମିତ ଟପ୍ପୋ (୩୯) ଗୋଟିଏ ଲେଖାଏ ଗୋଲ୍ କରିଥିଲେ। ଅମ୍ବିକାପୁରର ପକ୍ଷରୁ ନେନିତ ମିଞ୍ଜ (୨୯) ଓ ଅଞ୍ଜୁ କେରକେଟା (୩୪) ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ସଂଘର୍ଷପୂର୍ଣ୍ଣ ମ୍ୟାଚ୍ରେ କିଟ୍ ୨-୧ ଗୋଲ୍ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ସପ୍ତମ ମିନିଟରେ କିଟ୍‌କୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଏହାର ସଦୁପଯୋଗକରି ସଞ୍ଜୀବ ମାଝୀ ଗୋଲ୍ ଦେଇ ଦଳକୁ ୧-୦ ଗୋଲରେ ଆଗୁଆ କରିଥିଲେ। ଏହାପରେ ଉଭୟ ଦଳ ଲଢୁଆ ଖେଳିଥିଲେ ବି ଦ୍ୱିତୀୟ କ୍ୱାଟରର ସୁଦ୍ଧା ସ୍କୋରବୋର୍ଡ ଅପରିବର୍ତ୍ତିତ ରହିଥିଲା। କିନ୍ତୁ ୪୧ତମ ମିନିଟରେ କିଟ୍‌ର ରୋଶନ ଓରାମ ପେନାଲ୍ଟି କର୍ଣ୍ଣରରୁ ଗୋଲ୍ କରି ଦଳକୁ ୨-୦ରେ ଆଗୁଆ କରିଥିଲେ। ତେବେ ୫୩ତମ ମିନିଟ୍ ବନାରସ ଦଳ ତରଫରୁ ସନ୍ନି ପଟେଲ ଗୋଟିଏ ଗୋଲ୍ ପରିଶୋଧ କରିଥିଲେ। ଅନ୍ୟ ଦୁଇ ମ୍ୟାଚରେ ବୀର ବାହାଦୂର ସିଂହ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ୯-୦ ଗୋଲରେ ହେମଚନ୍ଦ୍ର ଯାଦବ ବିଶ୍ୱବିଦ୍ୟାଳୟ ଦୁର୍ଗକୁ ଓ ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠ ୮-୩ ଗୋଲରେ ରାଞ୍ଚି ବିଶ୍ୱବିଦ୍ୟାଳୟକୁ ହରାଇଥିଲେ।

## 'ବ୍ଲାକ ଫ୍ରାଇଡ଼େ ସେଲ' ଘୋଷଣା

**ନୂଆଦିଲ୍ଲୀ,୨୩।୧୧ :** ଭାରତରେ ସାମସଙ୍ଗ ଏହାର ଅଧୁନତମ ଗାଲାକ୍ସି ପରିଧାନ ଯୋଗ୍ୟର ଆକର୍ଷଣୀୟ "ବ୍ଲାକ ଫ୍ରାଇଡ଼େ ସେଲ" ଅଫର ଘୋଷଣା କରିଛି। ଆଜି ଏହାର ଅଧୁନତମ ଗାଲାକ୍ସି ପରିଧାନ ଯୋଗ୍ୟ ଉପରେ ଆକର୍ଷଣୀୟ ଅଫର ଘୋଷଣା କରିଛି। ଆଜି ଠୁଁ ଆରମ୍ଭ ହେଉଥିବା ଗାଲାକ୍ସି ୱାଚ୍ ଅଲଟ୍ରା ଉପରେ ୧୨୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତିରେ ଉପଲବ୍ଧ ହେବ। ଏହି ବିଶେଷ ମୂଲ୍ୟରେ ସାମିଲ ରହିଛି ତତ୍‌କ୍ଷଣାତ୍ ୧୨୦୦୦ ଟଙ୍କା କିମ୍ବା ନୂତନ ୧୦୦୦୦ ଟଙ୍କାର ବୋନସ। ସେହିପରି ଗାଲାକ୍ସି ବଡ୍ସ୍୩ ପ୍ରୋ କିରିବାକୁ ଚାହୁଁଥିବା ଗ୍ରାହକମାନେ ତତ୍‌କ୍ଷଣାତ୍ କ୍ୟାସ ବ୍ୟାକ କିମ୍ବା ନୂତନ ୫୦୦ ଟଙ୍କାର ବୋନସ ପାଇପାରିବେ। ଅତିରିକ୍ତ ଭାବରେ, ଗ୍ରାହକମାନେ ଆଉ କିଛି ଉନ୍ନତ ମାନର ସୁଲଭକୁ ନେଇ ୨୪ମାସର ଏକ ମୂଲ୍ୟହୀନ ଇଏମଆଇର ସୁବିଧା ପାଇପାରିବେ। ଯେଉଁ ଗ୍ରାହକମାନେ ଗାଲାକ୍ସ ଏସ ଏବଂ ଜେଡ଼ ଶୃଙ୍ଖଳ କ୍ରୟ କରିବାକୁ ଚାହିଁବେ ସେମାନେ ବିବିଧ ପ୍ରୟୋଗ ଉପରେ ସାମସଙ୍ଗ ଅଧୁନତମ ପରିଧାନଯୋଗ୍ୟ ୧୮୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତିର ସୁବିଧା ପାଇପାରିବେ।

## ଜାତୀୟ କନିଷ୍ଠ ବ୍ୟାଡମିଣ୍ଟନ୍

**ଭୁବନେଶ୍ୱର,୨୩।୧୧ :** ନିଳାଦ୍ରୀବିହାର ବିଜୁ ପଟ୍ଟନାୟକ ବହୁମୁଖି ଇନଡୋର ଷ୍ଟାଡିୟମ୍ ଏବଂ ସହିଦ ନଗର ଇନଡୋର ଷ୍ଟାଡିୟମ୍‌ରେ ଋଲିଥିବା ୟୋନେକ୍ସ ସନରାଇଜ୍ ୪୭ତମ ଜାତୀୟ କନିଷ୍ଠ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାର ବ୍ୟକ୍ତିଗତ ଇଭେଣ୍ଟରେ ପ୍ରାୟ ସମସ୍ତ ମାନ୍ୟତାପ୍ରାପ୍ତ ଖେଳାଳି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଶୀର୍ଷ ମାନ୍ୟତାପ୍ରାପ୍ତ ବାଳକ ଖେଳାଳି ରାଜସ୍ଥାନର ସଂସ୍କାର ସାରସ୍ୱତ ୨୧-୪, ୨୨-୨୦ ରେ ତେଲେଙ୍ଗାନାର ସାଇ ପ୍ରସାଦଙ୍କୁ, ଉତ୍ତରପ୍ରଦେଶର ଭୂମେଶ ଉତରାଣୀ ୨୨-୨୦, ୨୧-୭ରେ ମିଜୋରାମର ସାଇଲୋ ଭନଲାଲଙ୍କୁ ପରାସ୍ତ କରିଛନ୍ତି। ଠିକ୍ ସେହି ପରି ତୃତୀୟ ମାନ୍ୟତାପ୍ରାପ୍ତ ଦିଲ୍ଲୀର ଗିନପଲ ଏସ୍ ୨୧-୧୯, ୨୧-୧୩ରେ ବିହାରର ସକ୍ଷମ ବସ୍ତାଙ୍କୁ ଏବଂ ସପ୍ତମ ମାନ୍ୟତାପ୍ରାପ୍ତ ମହାରାଷ୍ଟ୍ରର ପ୍ରଜ୍ୱଳ ସୁନବାନେ ୨୧-୧୭, ୨୧-୧୧ରେ ଆନ୍ଧ୍ରପ୍ରଦେଶର ଟ୍ରମା ମହେଶ୍ୱର ରେଡ୍ଡୀଙ୍କୁ ପରାସ୍ତ କରି ଅଗ୍ରସର ହୋଇଛନ୍ତି।

ବାଳିକା ବିଭାଗରେ ଶୀର୍ଷ ମାନ୍ୟତାପ୍ରାପ୍ତ ହରିୟାଣାର ମେଧାବୀ ନାଗର ୨୧-୧୧, ୨୧-୩ରେ ଛତିଶଗଡ଼ର ରେବାରାଜେ ବର୍ମାଙ୍କୁ, ଚତୁର୍ଥ ମାନ୍ୟତାର ଦୁର୍ଗା କନ୍ଦରପୁ ୨୧-୭, ୨୧-୧୨ରେ ଉତ୍ତରପ୍ରଦେଶର କାଜଲ ପନୱରଙ୍କୁ, ଦଶମ ମାନ୍ୟତାପ୍ରାପ୍ତ ତାମିଲନାଡୁ ଖେଳାଳି ଆଦର୍ଶିନୀ ଶ୍ରୀ ୨୧-୫, ୨୧-୨ରେ ଓଡ଼ିଶାର ଗୀତାଶ୍ରୀ ଦେଇଙ୍କୁ ଏବଂ ଓଡ଼ିଶାର ତନ୍ୱୀ ପତ୍ରୀ ୨୧-୧୫, ୨୧-୧୧ରେ ମହାରାଷ୍ଟ୍ରର ମଧୁମିତା ନାରାୟଣଙ୍କୁ ପରାସ୍ତ କରିଛନ୍ତି। ବାଳିକା ଯୁଗଳରେ ଓଡ଼ିଶା ଯୋଡ଼ି ପ୍ରଗତି ପରିଡ଼ା-ବିଶାଖା ଟୋପ୍ପୋ ୨୧-୮ ଓ ୨୧-୧୪ରେ ହିମାଚଳପ୍ରଦେଶର ଗାରିମା ବର୍ମା ଓ ପ୍ରଜ୍ଞା ବର୍ମାଙ୍କୁ ପରାସ୍ତ କରିଛନ୍ତି। ଏହି ପ୍ରତିଯୋଗିତାର ସଫଳ ରୂପାୟନ ପାଇଁ ଏସିଆ ବ୍ୟାଡମିଣ୍ଟନ୍ ବୈଷୟିକ ସମିତିର ଅଧ୍ୟକ୍ଷ ଓମାର ରସିଦ, ବାଇ ପର୍ଯ୍ୟବେକ୍ଷକ ପ୍ରଭାକର ରାଓ, ଓସ୍ବା ସଭାପତି ରାଜେଶ ପ୍ରଭାକର ପାଟିଲ, ଉପସଭାପତି ପ୍ରଦୀପ ପଟ୍ଟନାୟକ, ସଂପାଦକ ନୀଲିନ କୁମାର, ଶୈଳେନ୍ଦ୍ର ଚୌଧୁରୀ ପ୍ରମୁଖ ତତ୍ତ୍ୱାବଧାନ କରୁଛନ୍ତି।

## ସାମସଙ୍ଗ ଆରଏନଡ଼ି ଏବଂ ଆଇଆଇଟି ମୁମ୍ବାଇ ମଧ୍ୟରେ ଚୁକ୍ତି

**ମୁମ୍ବାଇ,୨୩।୧୧ :** ସାମସଙ୍ଗ ଆରଏନଡ଼ି ପ୍ରତିଷ୍ଠାନ, ନଏଡ଼ା (ଏସଆରଆଇ-ନଏଡ଼ା) ନିଜର ପ୍ରତିଶ୍ରୁତିବଦ୍ଧତାକୁ ଶିଳ୍ପ ଆଧାରିତ ଶୈକ୍ଷିକ ସହଭାଗୀତା ସହିତ ସୁଦୃଢ଼ କରିବା ପାଇଁ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲଜି ବମ୍ବେ (ଆଇଆଇଟି ବମ୍ବେ) ସହିତ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ କରିଅଛି। ଏହି ଏମଓୟୁ ଅଧିନରେ ଏସଆରଆଇ-ନଏଡ଼ା ଏବଂ ଆଇଆଇଟି ବମ୍ବେ କୃତ୍ରିମ ଚମତ୍କାରୀତା (ଏଆଇ), ଡ଼ିଜିଟାଲ ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏକ ବିଶେଷ ଆବିଷ୍କାର କରିବାକୁ ଯାଉଛି। ଏହି ୫ବର୍ଷିୟ ସହଭାଗୀତା ଯଥାକ୍ରମେ ମିଳିତ ଗବେଷଣା ପ୍ରକଳ୍ପକୁ ଆଇଆଇଟି ବମ୍ବେ ବିଦ୍ୟାର୍ଥୀ ତଥା ଶିକ୍ଷକଙ୍କ ପାଇଁ ସାମସଙ୍ଗରେ କାର୍ଯ୍ୟରତ ଇଞ୍ଜିନିୟରମାନଙ୍କ ସହିତ ମିଳିତ ସହଯୋଗରେ ସୁଯୋଗ ପ୍ରଦାନ କରିପାରିବ।

ଏହି ବିଶେଷ ଉପସ୍ଥାପନା କେବଳ ବିଦ୍ୟାର୍ଥୀ ମାନଙ୍କ ନୂତନ ଧାରଣା ଉପରେ ନୁହେଁ ଏହା ଶିଳ୍ପଜଗତରେ ରହିଥିବା ପ୍ରସ୍ତୁତିକରଣରେ ମଧ୍ୟ ବିକଶିତ ହେବାରେ ସହାୟକ ହେବ। ଅତିରିକ୍ତ ଭାବରେ ଏହା ସାମସଙ୍ଗର ଇଞ୍ଜିନିୟରମାନଙ୍କୁ ବିଶେଷ ଭାବରେ ପ୍ରଶିକ୍ଷଣ ତଥା ପ୍ରମାଣପତ୍ର କାର୍ଯ୍ୟକ୍ରମ ଯାହାକି ସାମସଙ୍ଗର ବିକଶିତ ହେବାକୁ ଯାଉଥିବା କୌଶଳ ସହିତ ସଜ୍ଜିତ ହେବା ଏବଂ ଗଭୀର ଜ୍ଞାନ ପ୍ରଦାନ ଦିଗରେ ଅନେକ କିଛି ସାହାଯ୍ୟ କରିପାରିବ।

ଏହି ବୁଝାମଣାପତ୍ର ଆନୁଷ୍ଠାନିକ ଭାବରେ କ୍ୟୁନଗୁନ ରାଓ, ଏସଆରଆଇ- ନଏଡ଼ା, ପରିଚାଳନା ନିର୍ଦ୍ଦେଶକ ତଥା ପ୍ରଫେସର ଭି. ଭଣ୍ଡାରକର, ଆସୋସିଏଟ୍ ଡ଼ିନ୍, ଆଇଆଇଟି ବମ୍ବେ, ଗବେଷଣା ଏବଂ ବିକାଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବେଳେ ଏହି ଯୁଗାନ୍ତକାରୀ କାର୍ଯ୍ୟକ୍ରମରେ ଯେଉଁମାନେ ଅଂଶଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ କୋଏଟା ସେଂଟର ଫର ଡ଼ିଜିଟାଲ ହେଲଥ ର ସମସ୍ତ ଫାକଲ୍ଟି ସଦସ୍ୟ ତଥା ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ରଞ୍ଜିଥ ପଦିନ୍‌ହାତିରୀ, କେସିଡ଼ିଏଚ୍ ମୁଖ୍ୟ, ପ୍ରଫେସର ନିର୍ମଳ ପଞ୍ଜାବୀ ଏବଂ ଡ଼କ୍ଟର ରାଘବେନ୍ଦ୍ରନ ଲକ୍ଷ୍ମୀନାରାୟନନ ପ୍ରମୁଖ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ